

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୩।୪।୨୦୨୨

| | |
|---|---|
| ୫,୨୯,୫୯୪ ଟଙ୍କା | |
| ସୁନା | ୬.୮୦୦ ଗ୍ରାମ |
| ରୁପା | ୨୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ମହାରାଜା ଏଚ୍. ଏଚ୍. କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୧ତମ ଜୟନ୍ତୀ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- ପ୍ରଦୀପ ବୈଶାଖଙ୍କ ବହି 'ଫେସ ଅଫ୍ ଇନ୍ ଇକ୍ୱାଲିଟି' ଉନ୍ମୋଚନ, ସୂଚନା ଭବନ, ପ୍ରଦର୍ଶନୀ ଗୃହ, ପୂର୍ବାହ୍ନ ୧୦ଟା।
- ଭାରତୀୟ ଇତିହାସ ସଂକଳନ ସମିତି ପକ୍ଷରୁ ସେମିନାର, ମହର୍ଷି କଲେଜ ଅଫ୍ ନାଚୁରାଲ ଲ, ସହିଦ ନଗର, ପୂର୍ବାହ୍ନ ୧୦ଟା ୩୦।
- ସବୁଜ ଭାରତ ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟନ, ହୋଣ୍ଡା ଶୋ'ରୁମ ସମ୍ମୁଖ, ନିକୋପାର୍କ ଛକ, ପୂର୍ବାହ୍ନ ୧୧ଟା।
- ଜ୍ଞାନ ବିକାଶ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ହୋଟେଲ ନୀଳୟ ରେସିଡେନ୍ସି ପ୍ଲାଜା, ଇନ୍‌ଫୋସିଟି ରୋଡ, ପଟିଆ, ଅପରାହ୍ନ ୪ଟା ୩୦।
- ପରଶୁରାମ ପିକ୍‌ଚର୍ସ ପ୍ରଯୋଜିତ ଅପରିଚିତା, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।

ବାଲକାଟୀ

- ଶ୍ରୀଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥଙ୍କର ବାର୍ଷିକ ବିଷ୍ଣୁ ମହାଯଜ୍ଞ, ଗଡ଼ କଣ୍ଟୁଣିଆ ସୁଦର୍ଶନ ପୀଠ, ଅପରାହ୍ନ ୩ଟା।

ବାଲିଅନ୍ତା

- ରାମଲୀଳାର ନାଟକ କୁମ୍ଭ କର୍ଣ୍ଣବଧ ଓ ଇନ୍ଦ୍ରଜିତ୍‌ମୋହନା ଅସ୍ତ୍ର ପ୍ରୟୋଗ, ବେଣ୍ଟପୁର, ରାମଲୀଳା ପଡିଆ ରାତି ୧୧ଟା।

କଟକ

- କିଶୋର ନ୍ୟାୟ ଆକ୍ଟ-୨୦୧୫ର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଆଞ୍ଚଳିକ ପରାମର୍ଶ ଦ୍ୱିତୀୟ ଦିବସ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ସକାଳ ୮ଟା ୩୦।
- ଜଜବା ପକ୍ଷରୁ ଗରିବ ଲୋକଙ୍କୁ ରାଶନ ବଣ୍ଟନ କାର୍ଯ୍ୟକ୍ରମ, ନାରୀ ସେବା ସଦନ, ବକ୍ସିବଜାର, ସକାଳ ୯ଟା ୩୦।
- ବାଗ୍‌ଦେବୀ ଲିଟରେଚର ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ, ସେଭେନ ପିଲାର୍ସ ଅଫ ଉଇଜ୍‌ଡମ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ବାଦାମବାଡ଼ି ଥାନା ଓ ବଳଭଦ୍ରପୁର ଗ୍ରାମ୍ୟ ଉନ୍ନୟନ କମିଟି ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର, ବଳଭଦ୍ରପୁର, ପୂର୍ବାହ୍ନ ୧୦ଟା।
- ସରଳାଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଭାଗୀରଥି ମହାପାତ୍ରଙ୍କ ୧୩୦ତମ ଜୟନ୍ତୀ ସମାରୋହ, ସ୍ୱରାଜ ଆଶ୍ରମ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଗୀତିକବି ସମାଜର ୨୯ତମ ବାର୍ଷିକ ଅଧିବେଶନ, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୦ଟା ୩୦।
- ରାଧାନାଥ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୧୫୦ତମ ବାର୍ଷିକ ଉତ୍ସବ, ରାଧାନାଥ ଅଡିଟୋରିୟମ, ସାହେବଜାଦା ବଜାର, ପୂର୍ବାହ୍ନ ୧୧ଟା ।
- ଓଡ଼ିଆ ବଜାର ସ୍ଥାୟୀ ଯୋଗ ଶିକ୍ଷା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ, ୟୁ.ପି. ସ୍କୁଲ, ଓଡ଼ିଆ ବଜାର, ଅପରାହ୍ନ ୪ଟା।

# ସୁଦୃଢ଼ ହେବ ଜନଜାତିଙ୍କ ଆର୍ଥିକ ସ୍ଥିତି: ମୁଖ୍ୟମନ୍ତ୍ରୀ

## ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ପ୍ରଦର୍ଶନୀ ଆରମ୍ଭ

■୧୮୭ ଷ୍ଟଲ୍‌ରେ ୧୮ ରାଜ୍ୟର ସାମଗ୍ରୀ

■ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ ଯାଏ ଚାଲିବ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଆଦିବାସୀ ମେଳା ଆଜି ଏକ ପରମ୍ପରାରେ ପରିଗଣିତ ହୋଇଛି। ଆଦିବାସୀ ସଂସ୍କୃତିକୁ ଭଲ ପାଇବାର ଓ ଅନୁଭବ କରିବାର ଏହା ଏକ ମହାନ ପରମ୍ପରା। ଆଦିବାସୀ ଭଉଣୀଭାଇଙ୍କ ପାଇଁ ଆରମ୍ଭ ହୋଇଥିବା ମେଳା ସେମାନଙ୍କ ଉତ୍ପାଦିତ ଜିନିଷ ଲାଗି ବଜାର ସୃଷ୍ଟି କରିବ। ଜନଜାତିଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ପ୍ରଦର୍ଶନୀକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ବର୍ଷ ଆମ ଜନଜାତିଙ୍କ ଉତ୍ପାଦିତ ଜିନିଷଗୁଡିକ ବହୁତ ଭଲ ବ୍ୟବସାୟ କରିବା ନେଇ ଦୃଢ଼ ବିଶ୍ୱାସ ରହିଛି। କୋଭିଡ୍ ପାଇଁ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ଏହି ମେଳା ପୁଣି ଆରମ୍ଭ ହେବା ସହ ଜନଜୀବନ ସ୍ୱାଭାବିକ ହୋଇଛି। କିନ୍ତୁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଲେ, ଜନଜାତି ଭଉଣୀଭାଇଙ୍କୁ ସାଂସ୍କୃତିକ ତଥା ସାମାଜିକ ଭାବଧାରାରେ ସଂପୃକ୍ତ କରିବାର ଆଭିମୁଖ୍ୟ ନେଇ ଏପରି ମେଳା ଆୟୋଜିତ ହୋଇଛି। ଜନଜାତିଙ୍କ କଳା ଓ କାରିଗରି ତଥା ସୃଜନଶୀଳ ରୁଚିର ପ୍ରସାର ଏବଂ ସଂରକ୍ଷଣରେ ଏହି ମେଳା ଯଥେଷ୍ଟ ସହାୟକ ହେବ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା, ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର ଯୋଗଦେଇ ଆଦିବାସୀ ମେଳା ଓ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଦିବାସୀ ଜର୍ନାଲ, ବାଇଗା ଓ କୋଲି ଜନଜାତି ଉପରେ ଆଧାରିତ ଫଟୋ ହ୍ୟାଣ୍ଡବୁକ୍‌ସ୍, ଏସ୍‌ଟି ଓ ଏସ୍‌ସି ପପୁଲେଶନ୍ ଆନାଲିସିସ୍ ପୁସ୍ତିକା ଉନ୍ମୋଚିତ ହୋଇଥିଲା।



ଆଦିବାସୀ ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲରେ ଉଦ୍‌ଘାଟନ କରୁଛନ୍ତି।

ଏହି ମେଳା ମେ ୨ ତାରିଖ ଯାଏ ପ୍ରତ୍ୟେକ ଦିନ ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଚଳିତ ବର୍ଷ ଆଦିବାସୀ ମେଳା ଏବଂ ଜାତୀୟ କଳା ଓ କଳାସାମଗ୍ରୀ ପ୍ରଦର୍ଶନୀରେ ମୋଟ ୧୮୭ ଷ୍ଟଲ ଖୋଲିଛି। ଏଥିମଧ୍ୟରେ ଆଦିବାସୀ ହାଟରେ ୧୦୪ଟି ଷ୍ଟଲ୍ ରହିଛି। ଏଥିରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ସହ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଭ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରୁଛନ୍ତି । ଆଇଟିଡିଏ ଦ୍ୱାରା ୪୪ ଷ୍ଟଲ୍‌ରେ ଜନଜାତି ଏସ୍‌ଏଚ୍‌ଜିର ମା'ମାନେ ସେମାନଙ୍କ ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟ ବିକ୍ରୟ କରୁଛନ୍ତି। ୧୭ ଷ୍ଟଲ୍ ଅଣୁପ୍ରକଳ୍ପ ଅଧୀନ ଜନଜାତି ଏସ୍‌ଏଚ୍‌ଜିର ମା'ମାନଙ୍କୁ ଆବଣ୍ଟନ କରାଯାଇଛି । ଜାତୀୟ ଜନଜାତି ଆଦିବାସୀ ଚିତ୍ରକଳା ଓ କଳାସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ୮୪ ଷ୍ଟଲ ରହିଛି। ଏଥିରେ ଓଡ଼ିଶା ସମେତ ୧୮ ରାଜ୍ୟର ଆଦିବାସୀ କାରିଗର କଳାସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ଏଥିସହ ମିଶନ ଶକ୍ତିର ୨୧ଟି, ଓର୍‌ମାସ୍‌ର ୧୫ ଏବଂ ଟିଡିସିସିର ୨ ଷ୍ଟଲରେ ଜନଜାତି ସାମଗ୍ରୀ ବିକ୍ରୟ କରାଯାଉଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଗୋଟିଏ ଷ୍ଟଲ୍‌ରେ ଓଡ଼ିଶା ସରକାରଙ୍କ ଜନଜାତି ବିକାଶ କାର୍ଯ୍ୟକ୍ରମ ସହିତ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତିର ଫଟୋଚିତ୍ର ପ୍ରଦର୍ଶିତ ହୋଇଛି। ସନ୍ଧ୍ୟାରେ ଜନଜାତି ନୃତ୍ୟ ପରିବେଷଣ ହେବ।



ଆଦିବାସୀ ମେଳା ମଞ୍ଚରେ ଆଦିବାସୀ କଳାକାରଙ୍କ ନୃତ୍ୟ ପରିବେଷଣ। ଏକ ଷ୍ଟଲ୍‌ରେ ଜନଜାତିର ମହିଳାମାନେ ହାତ ତିଆରି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

# ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ସାରା ଦେଶର ଖାଦ୍ୟର ପସରା

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଭୁବନେଶ୍ୱର ପରିଆସ୍ଥିତ ରେଷ୍ଟୁରାଣ୍ଟ ଚେନ୍ ଆବ୍‌ସୋଲ୍ୟୁଟ୍ ବାର୍‌ବିକ୍ୟୁସ୍ (ଏବି'ଏସ୍)ରେ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଆରମ୍ଭ ହୋଇଛି। ଏଥିରେ ସାରା ଦେଶର ପ୍ରସିଦ୍ଧ ଖାଦ୍ୟର ପସରା ଦେଖିବାକୁ ମିଳୁଛି। ମେ' ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଫେଷ୍ଟିଭାଲକୁ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ର ଉଦ୍‌ଘାଟନ କରି କହିଲେ, ଏହା ପ୍ରତ୍ୟେକ ଷ୍ଟ୍ରିଟ୍ ଫୁଡ୍ ଲଭର୍‌ଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ହେବ। ଆବ୍‌ସୋଲ୍ୟୁଟ୍ ବାର୍‌ବିକ୍ୟୁସ୍‌ର ସିଓଓ ଆଶିଷ ରାୟ କହିଛନ୍ତି, ଏହା ଭାରତର କିଛି ସର୍ବୋତ୍ତମ ଷ୍ଟ୍ରିଟ୍ ଫୁଡ୍‌କୁ ଏଠାରେ ଉପଭୋଗ କରିବା ପାଇଁ ଉପଯୁକ୍ତ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ସିଏମ୍‌ଓ ରିତେଶ ଗାଡେ କହିଛନ୍ତି, ଏହି ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ସହିତ ଆମେ ଦକ୍ଷିଣ ଭାରତର ଲୋକପ୍ରିୟ ଖାଦ୍ୟ ହେଉ କିମ୍ବା ଉତ୍ତର-ପଶ୍ଚିମ ଭାରତର ସୀମାନ୍ତରୁ ସମୃଦ୍ଧ ଖାଦ୍ୟ ଅବା ପୂର୍ବାଞ୍ଚଳର ସୁସ୍ୱାଦୁ ଖାଦ୍ୟଗୁଡିକର ଏକ ବିସ୍ତୃତ ଶୃଙ୍ଖଳକୁ ପରିଚିତ କରାଇ ଖୁସି ଅନୁଭବ କରୁଛୁ। ସେହିପରି ଉତ୍ତର ଓ ପୂର୍ବାଞ୍ଚଳ-ବ୍ୟବସାୟ ଓ ପରିଚାଳନା ମୁଖ୍ୟ ମନୀଷ ପାଣ୍ଡେ କହିଛନ୍ତି, ନୂଆ ଖାଦ୍ୟ ଉଦ୍ଭାବନ, ନୂଆ ସ୍ୱାଦର ସୃଷ୍ଟି ପାଇଁ ଆମର ପ୍ରତିବଦ୍ଧତାକୁ ଜାରି ରଖି ଆମେ ଭୁବନେଶ୍ୱରର ଫୁଡିଙ୍କ ପାଇଁ ନୂତନ ଧରଣର ଷ୍ଟ୍ରିଟ୍‌ଫୁଡ୍ ଫେଷ୍ଟିଭାଲର ଆୟୋଜନ କରିଛୁ। ସ୍ୱତନ୍ତ୍ର ମେନ୍ୟୁରେ ହାଇଦ୍ରାବାଦି ବିରିୟାନି, ମାଂସୋ ଆଳୁ ଝୋଳ୍, ସାଟେ ଚିକେନ୍, ବରା ଘୁଗୁନି, ଚୁରାସ୍କୋ ଚିକେନ୍, ବେକ୍‌ଡ ଆଲାସ୍କା, ଛେନାପୋଡ, ରାଜ୍ କଚୋରି, ପପ୍‌ସିକିଲ୍ସ ଆଦି ସାମିଲ ରହିଛି। ଏହି ଆଉଟ୍‌ଲେଟ୍ ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୬ରୁ ୭ଟା ୩୦ ପର୍ଯ୍ୟନ୍ତ ନିଜ ଡିନର୍ ବଫେ ପାଇଁ ଏକ ୩+୧ ଡିଲ୍ ପ୍ରଦାନ କରୁଛି। ଏଠାରେ ଗ୍ରାହକମାନେ ଏକ ଚାରିଜଣିଆ ଗ୍ରୁପ୍‌ରେ ରେଷ୍ଟୁରାଣ୍ଟକୁ ଯାଇ କେବଳ ୩ ଜଣଙ୍କ ପାଇଁ ପଇଠ କରିପାରିବାର ସୁବିଧା ରହିଛି।


ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଉଦ୍‌ଘାଟନ ଅବସରରେ ଅଭିନେତ୍ରୀ ଶୀତଲ ପାତ୍ର ଓ ଅନ୍ୟମାନେ।



# ସ୍କୁଲ ବସ୍ ଯାଞ୍ଚ ପ୍ରକ୍ରିୟାକୁ ପୋଲିସ ଅପବ୍ୟବହାର କରୁଛି: ନିଶିକାନ୍ତ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ସ୍କୁଲ ବସ୍‌ଗୁଡ଼ିକର ଫିଟ୍‌ନେସ୍ ଓ ସୁରକ୍ଷା ଯାଞ୍ଚ ପ୍ରକ୍ରିୟା ଚାଲିଛି। କିନ୍ତୁ ଏ ସଂକ୍ରାନ୍ତ ନିୟମାବଳୀକୁ ଅପବ୍ୟବହାର କରାଯାଉଥିବା କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି। ମିଶ୍ର କହିଛନ୍ତି, ସ୍କୁଲ ବସ୍ ଓ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଗାଡିକୁ ରାଜ୍ୟ ସରକାର ୨୦ରୁ ୨୭ ତାରିଖ ମଧ୍ୟରେ ଯାଞ୍ଚ କରିବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଦାୟିତ୍ୱ ପୋଲିସକୁ ଦେବାପରେ ଏହାର ଯାଞ୍ଚ ପ୍ରକ୍ରିୟାରେ ଅପବ୍ୟବହାର କରାଯାଉଛି। ପିଲାମାନେ ବସ୍‌ରେ ଥିବାବେଳେ ପୋଲିସ ଅଧ ଘଣ୍ଟା ପର୍ଯ୍ୟନ୍ତ ଅଟକାଇ ଯାଞ୍ଚ କରୁଛି। ଏହାଦ୍ୱାରା ମାନବ ଅଧିକାର ଉଲ୍ଲଂଘନ ହେଉଛି। ଯାନ ଯାଞ୍ଚ ଠିକ୍, କିନ୍ତୁ ଏହାକୁ ପାଥେୟ କରି ପିଲାଙ୍କୁ ଅଟକାଇବା ଉଚିତ୍ ନୁହେଁ। ଆମେ ଏହାର ଘୋର ନିନ୍ଦା କରୁଛୁ। ପିଲା ନ ଥିବା ସମୟରେ ଯାଞ୍ଚ କରାଯାଉ ବୋଲି ରାଜ୍ୟ ସରକାରଙ୍କ ନିକଟରେ ଦାବି କରୁଛୁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମ୍ବିକା


@ ଈଶ୍ୱର


@ ବଟକୃଷ୍ଣ


@ ଶୁଶ୍ରୀ


@ ଲିପ୍‌ସା


@ ଭବାନୀ

# ଅର୍ଥ ଆତ୍ମସାତ୍ ଅଭିଯୋଗ, ପିଇଓ ନିଲମ୍ବିତ

ସାକ୍ଷୀଗୋପାଳ, ୨୩।୪(ଡି.ଏନ.ଏ)

ସତ୍ୟବାଦୀ ବ୍ଲକ ସାଣ୍ଡରା ଶାସନ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପ୍ରତାପ ଚନ୍ଦ୍ର ଦାସଙ୍କୁ ଜିଲାପାଳଙ୍କ ଆଦେଶକ୍ରମେ ପଞ୍ଚାୟତିରାଜ ବିଭାଗ ତରଫରୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ ସରକାରୀ ଅର୍ଥ ହେରଫେର, କର୍ତ୍ତବ୍ୟରେ ଅବହେଳା ଓ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା। ପରେ ଏହି ଅଭିଯୋଗ ବିଷୟରେ ସତ୍ୟବାଦୀ ବିଡିଓ ପୁରୀ ଜିଲାପାଳଙ୍କୁ ଅବଗତ କରିଥିଲେ। ଏପରିକି ମାସିକ ଭତ୍ତା ଟଙ୍କା କେତେଜଣ ହିତାଧିକାରୀଙ୍କୁ ନ ଦେବା ଦୃଷ୍ଟିକୁ ଆସିଥିଲା। ଏ ସମ୍ପର୍କରେ ଜାଣିବା ପରେ ଜିଲାପାଳ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ୩ ଜଣଙ୍କୁ ବିବାହ ଅଭିଯୋଗରେ ଡାକ୍ତର ଗିରଫ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

୧୭ଜଣଙ୍କୁ ବିବାହ କରି ରସିକିଆ ନକଲି ଡାକ୍ତର ରମେଶ ସ୍ୱାଇଁ ରାଜ୍ୟରେ ଚର୍ଚ୍ଚାରେ ବିଷୟ ପାଲଟିଥିବାବେଳେ ଏବେ ଆଉ ଜଣେ ରସକିଆ ଡାକ୍ତରଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ୩ଜଣଙ୍କୁ ବିବାହ କରି ଠକିବା ଅଭିଯୋଗରେ ଅସଲି ଡାକ୍ତର ଆଶିଷ ପଟ୍ଟନାୟକଙ୍କୁ ପାହାଳ ନିକଟରୁ ପୋଲିସ ଗିରଫ କରିଛି। ସେ କଟକ ଏସ୍‌ସିବି ମେଡିକାଲ ଓ କଲେଜରେ ପ୍ଲାଷ୍ଟିକ ସର୍ଜରି ବିଭାଗର ଡାକ୍ତର ଅଛନ୍ତି।

ସୂଚନାନୁଯାୟୀ ଅଭିଯୁକ୍ତ ଅସଲି ଡାକ୍ତର ଆଶିଷ ୨୦୦୪ରେ ପ୍ରଥମେ କଟକରେ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ପରେ କୌଣସି କାରଣବଶତଃ ତାଙ୍କୁ ଛାଡ଼ପତ୍ର ଦେଇ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଦ୍ୱିତୀୟ ସ୍ତ୍ରୀଙ୍କୁ ଛାଡ଼ପତ୍ର ନଦେଇ ଲୁଚିଛପି ଆଉ ଜଣେ ଯୁବତୀଙ୍କୁ ୨୦୧୯ରେ ତୃତୀୟ ବିବାହ ଭୁବନେଶ୍ୱରର ଏକ ମନ୍ଦିରରେ କରିଥିଲେ। ଏହାପରେ ଆଶିଷ ଓ ସେ ମିଶିକି ରହିଥିଲେ। ହେଲେ ଅଭିଯୁକ୍ତ ଜଣଙ୍କ ଧରା ନ ପଡ଼ିବା ପାଇଁ ନକଲି ସତ୍ୟପାଠ ବାହାର କରି ସେମାନଙ୍କ ମଧ୍ୟରେ ବିବାହ ହୋଇଯାଇଛି ବୋଲି ତୃତୀୟ ସ୍ତ୍ରୀଙ୍କୁ ମିଛ କହିଆସୁଥିଲେ। ହେଲେ ତୃତୀୟ ସ୍ତ୍ରୀ ଏସମ୍ପର୍କରେ ଜାଣିବା ପରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତର ଆଶିଷଙ୍କୁ ଶନିବାର ପାହାଳରୁ ଉଠାଇ ଆଣି ପଚରାଉଚରା କରିଥିଲା। ୩ ଜଣଙ୍କୁ ବିବାହ କରିଥିବା ସତ ମାନିବାରୁ ପୋଲିସ ପକ୍ଷରୁ ଏନେଇ ୫୪।୨୨ ରେ ମାମଲା ରୁଜୁ କରାଯାଇଛି। ରବିବାର ଆଶିଷଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି।

# 'କିଶୋର ନ୍ୟାୟ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ'

କଟକ ଅଫିସ, ୨୩।୪

କିଶୋର ନ୍ୟାୟ ଆଇନ-୨୦୧୫ର ଠିକ୍ କାର୍ଯ୍ୟକାରିତା ଉପରେ ୫ରାଜ୍ୟକୁ ନେଇ ଏକ ଆଞ୍ଚଳିକ କର୍ମଶାଳା ଶନିବାର କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ସୁପ୍ରିମ୍‌କୋର୍ଟ ବିଚାରପତି ତଥା ଜୁଭେନାଇଲ କମିଟିର ଅଧ୍ୟକ୍ଷ ରବୀନ୍ଦ୍ର ଭଟ୍ଟ ଉଦ୍‌ଘାଟନ କରିଥିଲେ। କିଶୋର ନ୍ୟାୟ ଆଇନ-୨୦୧୫ର ବିଭିନ୍ନ ଦିଗକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ଭଟ୍ଟ କହିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ରାଜ୍ୟରେ ଶିଶୁଙ୍କ ଅଧିକାର ଓ ମାନସିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ବି. ଲୋକୁର, ଛତିଶଗଡ଼ ଜୁଭେନାଇଲ ଜଷ୍ଟିସ ବୋର୍ଡର ଅଧ୍ୟକ୍ଷ ଜଷ୍ଟିସ ପାର୍ଥ ପ୍ରତିମ ସାହୁ, କଲିକତା ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ଅଧ୍ୟକ୍ଷ ଜଷ୍ଟିସ ହରିଶ ଟଣ୍ଡନ, ଝାଡ଼ଖଣ୍ଡ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ଅଧ୍ୟକ୍ଷ ଡ. ଏସ୍.ଏନ୍.ପଟ୍ଟନାୟକ, ପାଟନା ଜୁଭେନାଇଲ୍ ଜଷ୍ଟିସ କମିଟି ଅଧ୍ୟକ୍ଷ ଜଷ୍ଟିସ ଆଶୁତୋଷ କୁମାର, ଓଡ଼ିଶା ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ, କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ୍ କୁମାରୀ, ମୁମ୍ବାଇ ଟିଆଇଏସ୍‌ଏସ୍ ଡ. ମୋହୁଆ ନିଗୁଡାକର, ପ୍ରଫେସର ଏନାକ୍ଷୀ ଗାଙ୍ଗୁଲି, ଅଫିସର ସ୍ପେଶାଲ ଡ୍ୟୁଟି(ଭିଜିଲାନ୍ସ)ର ସନ୍ତୋଷ ଦାସ ରାୟ, ମହିଳା ଓ ଶିଶୁବିକାଶ ବିଭାଗ ସଚିବ ଭାସ୍କର ଶର୍ମା, ସୁପ୍ରିମକୋର୍ଟର ଆଇନଜୀବୀ ଡ. ଅନିନ୍ଦିତା ପୂଜାହାରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ରାଜ୍ୟର ସମସ୍ତ ଜୁଭେନାଇଲ୍ ଜଷ୍ଟିସ ବୋର୍ଡର ମାଜିଷ୍ଟ୍ରେଟ, ବିଚାର ବିଭାଗୀୟ ଅଧିକାରୀ, ସିଡବ୍ଲ୍ୟୁସି ଅଧ୍ୟକ୍ଷ, ଶିଶୁ ସୁରକ୍ଷା ଅଧିକାରୀ, ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ୟୁନିସେଫ୍, ହାଇକୋର୍ଟର ବିଚାରପତିଙ୍କ ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର, ଛତିଶଗଡ଼ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



କର୍ମଶାଳାରେ ଜୁଭେନାଇଲ କମିଟିର ଅଧ୍ୟକ୍ଷ ରବୀନ୍ଦ୍ର ଭଟ୍ଟ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

## ସଂକ୍ଷେପରେ

### ୧୨ରେ ବ୍ରହ୍ମେଶ୍ୱର ଭାଗବତ ମେଳଣ

**ପୁରୁଣା ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ଚଳିତବର୍ଷ କୋଭିଡ୍ କଟକଣା ହଟିଥିବାରୁ ୯୦ତମ ବ୍ରହ୍ମେଶ୍ୱର ଭାଗବତ ମେଳଣ ବ୍ରହ୍ମେଶ୍ୱର ଛକ ନିକଟ ପଡିଆରେ ବେଶ୍ ଆଡ଼ମ୍ବରରେ ଅନୁଷ୍ଠିତ ହେବ ବୋଲି ଶନିବାର ବୈଠକରେ ଆଲୋଚନା ହୋଇଯାଇଛି। ଆସନ୍ତା ମେ’ ୧୨ରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣରେ ଫଗୁ ଖେଳ, ଠାକୁରଙ୍କୁ ଭୋଗଲାଗି କରାଯିବା ସହ ଦିଅଁ ମେଳଣ କରାଯିବ ବୋଲି ମେଳଣ କମିଟିର ସଭାପତି ଗୋଲକ ଦାସ କହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରଜନନ୍ଦ ମିଶ୍ର, ଶିବକୃଷ୍ଣ ପଟ୍ଟନାୟକ, କାଞ୍ଚନ ବାରିକ, ପ୍ରମୋଦ ସେଠୀ, ବିକ୍ରମ ମହାନ୍ତିଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ସାପ ଧରାଳିଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା), ୨୩।୪(ଡି.ଏନ୍.ଏ.):** ଗ୍ରାମାଞ୍ଚଳରେ ପରିଚିତ ଜଣେ ସାପ ଧରାଳିଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଓରଡ଼ ପଞ୍ଚାୟତ ଲକ୍ଷ୍ମୀଧରପୁର ଗ୍ରାମର ଉଲ୍ଲାସ ରାଉତ। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳରେ ସାପ ଧରାଳି ଭାବେ ଉଲ୍ଲାସ ପରିଚିତ ଥିଲେ। ଜଣଙ୍କ ଘରେ ନାଗ ଥିବା ଖବର ପାଇ ଉଲ୍ଲାସ ଧରିବାକୁ ଯାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ସାପ ଧରୁଥିବା ବେଳେ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଡୁମୁଡୁମା ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)** ଡୁମୁଡୁମା ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୫ତମ ବାର୍ଷିକ ସାଧାରଣ ସଭା ଆଇଗିଣିଆସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ଦ୍ୱାରିକାନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ କୋଭିଡ୍‌ରେ ପ୍ରାଣ ହରାଇଥିବା ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଦ୍ୱାରିକା ନାଥ ନାୟକ, ଉପସଭାପତି ବିଜୟ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ସଚିଦାନନ୍ଦ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଉପେନ୍ଦ୍ରନାଥ ମହାନ୍ତି, କୋଷାଧ୍ୟକ୍ଷ ଶତ୍ରୁଘ୍ନ ବେହେରା, ସମୀକ୍ଷକ ରୂପେ ମନସୁର ଖାଁ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ ଶ୍ୟାମ ସୁନ୍ଦର ସ୍ୱାଇଁ, ବାବାଜୀ ବେହେରା, ସତ୍ୟାନନ୍ଦ ପଟ୍ଟନାୟକ, କମଳାକାନ୍ତ ଜେନା ଓ କିରଣ ପଟ୍ଟନାୟକ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ।

### ଆକ୍ରମଣ: ୪ କର୍ମଚାରୀ ଆହତ

**ଯାଁଳା, ୨୩।୪(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗୌଡ଼କାଶିପୁର ନିକଟରେ ଶନିବାର କେତେଜଣ ଦୁର୍ବୃତ୍ତଙ୍କ ପଥର ଚିପ୍ସ ମାଡ଼ରେ ଏକ ଟ୍ରକର ଆଗ କାଚ ଭାଙ୍ଗିବା ସହ କମ୍ପାନୀର ୪ଜଣ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଟ୍ରକ୍ ଚାଳକ ଅଜିତ୍ ରାଉତ, କଂକ୍ରିଟ ମେଶିନ ଚାଳକ ସୁରେନ୍ଦ୍ର ସେଠି, ଖଲାସି ସୁନିଲ୍ ପ୍ରଧାନ ଓ ସୁପରଭାଇଜର ଦାଶରଥି ପଟ୍ଟନାୟକ। ଖବରପାଇ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଛି। ଆକ୍ରମଣର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଖୋଲାରେ ବୟାନ ଦେଉଛନ୍ତି, ପୋଲିସ ପାଉନି

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**



**ଇଞ୍ଜିନିୟର ସ୍ୱାମୀଙ୍କୁ ହତ୍ୟା ପାଇଁ ସୁପାରି ଘଟଣା**

- ଅଶୋକ ମୋ ଭାଇ: ସିଲ୍‌ସିଲା
- ପୁଣି ସ୍ୱାମୀଙ୍କ ନାମରେ ପାଲଟା ଅଭିଯୋଗ

ସାଇକେଲ ଚୋରି ସନ୍ଦେହରେ କମିଶନରେଟ ପୋଲିସ ଲୋକଙ୍କୁ ଥାନାକୁ ଟେକିନେଇ ମାଡ଼ ମାରୁଛି। କଥା ଆଦାୟ ପାଇଁ ଏମିତି ନିର୍ଯାତନା ଦେଉଛି ଯେ, ଶେଷରେ ଅଭିଯୁକ୍ତଙ୍କ ଜୀବନ ବି ଯାଉଛି। ହେଲେ ବଡ଼ବଡ଼ିଆଙ୍କୁ ଧରିବାକୁ ପୋଲିସ ସାହସ ଜୁଟାଇ ପାରୁନି। ଫେରାର ଦର୍ଶାଇ, ତଦନ୍ତ ଚାଲିଥିବା କହି ସମୟ ଗଡ଼ାବାରେ ଲାଗୁଛି। ଏବେ ଇଞ୍ଜିନିୟର ସ୍ୱାମୀଙ୍କୁ ହତ୍ୟା ପାଇଁ ସ୍ତ୍ରୀ ସୁପାରି ଦେବା ଘଟଣାରେ ବିଭିନ୍ନ ମହଲରୁ ଏମିତି ପ୍ରତିକ୍ରିୟା ପ୍ରକାଶ ପାଉଛି। କାରଣ ପୋଲିସ କେବଳ ଡ୍ରାଇଭର ଅଶୋକ କୁମାର ସାହୁଙ୍କୁ ଗିରଫ କରିଥିବାବେଳେ ଇଞ୍ଜିନିୟରଙ୍କ ସ୍ତ୍ରୀ ସିଲ୍‌ସିଲା ବେହେରା, ସହଯୋଗୀ ଜିତେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ କେତେଜଣଙ୍କ ନାମରେ ମାମଲା ରୁଜୁ କରି ଚୁପ୍ ବସିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଅଭିଯୁକ୍ତା ସିଲ୍‌ସିଲା ବାରମ୍ବାର ଗଣମାଧ୍ୟମକୁ ଆସି ନିଜକୁ ନିର୍ଦ୍ଦୋଷୀ ବୋଲି କହିବା ସହ ଅଭିଯୋଗକାରୀ ସ୍ୱାମୀଙ୍କ ନାଁରେ ମଧ୍ୟ ପାଲଟା ଅଭିଯୋଗ କରୁଛନ୍ତି। ଶୁକ୍ରବାର ଭଳି ଶନିବାର ମଧ୍ୟ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ସମାନ ସଫେଇ ଦେଇଛନ୍ତି। ଗିରଫ ଡ୍ରାଇଭର ଅଶୋକ ତାଙ୍କ ପ୍ରେମିକ ବୋଲି ପୋଲିସର ବୟାନ ଆଧାରରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ତେବେ ଏ ସମ୍ପର୍କରେ ସିଲ୍‌ସିଲା କହିଛନ୍ତି, ଅଶୋକଙ୍କ ସହ ମୋର କୌଣସି ଖରାପ ସମ୍ପର୍କ ନାହିଁ। ସମ୍ପର୍କ ଭାଇ-ଭଉଣୀ ପରି। ମୁଁ ତାଙ୍କୁ ରାଖୀ ପିନ୍ଧାଇଛି। ସେ କିଏ ମୁଁ ନିଜେ ମଧ୍ୟ ଜାଣି ନ ଥିଲି। ମୋ ସ୍ୱାମୀଙ୍କ ପୁରୀ ଟ୍ରାନ୍ସଫର ପରେ ସେ ସ୍ତ୍ରୀ ପିଲାଙ୍କ ଯତ୍ନ ନେବା ଲାଗି ଅଶୋକଙ୍କୁ ଆଣିଥିଲେ। ମୋ ସ୍ୱାମୀ ମନଗଢ଼ା କଥା କହୁଛନ୍ତି। ଗତ ୪ ବର୍ଷ ଧରି ସେ ପରକୀୟା ସମ୍ପର୍କରେ ରହି ଆସୁଛନ୍ତି। ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ଥିବା ନେଇ ପ୍ରମାଣ ମଧ୍ୟ ପୋଲିସକୁ ଦେଇଛି। ନିଜକୁ ଉଚ୍ଚ ଶିକ୍ଷିତା, ସମାଜସେବୀର ପରିଚୟ ଦେବା ସହ ଜଣେ ହିନ୍ଦୁ ମହିଳା କ’ଣ କେବେ ତାଙ୍କ ସ୍ୱାମୀଙ୍କୁ ମାରିପାରେ ବୋଲି ସେ କହିଛନ୍ତି। ଏପଟେ କେତେକ ସୋସିଆଲ ମିଡିଆରେ ମଧ୍ୟ ସିଲ୍‌ସିଲାଙ୍କ କାର୍‌ନାମାକୁ ନେଇ ଖବର ଭାଇରାଲ ହେଉଥିବାରୁ ମାମଲାର ଗୁରୁତ୍ୱ ବଢ଼ି ଯାଇଛି। ସାମାଜିକ କର୍ମୀର ପରିଚୟ ଦେଉଥିବା ସିଲ୍‌ସିଲା ଅନୁଗୋଳର ଏକ ପାରିବାରିକ କଳିର ସମାଧାନ ଲାଗି ନିଜକୁ ଏନଏଚ୍‌ଆର୍‌ସି ଅଧ୍ୟକ୍ଷା କହିବା ସହ ସଂପୃକ୍ତ ପରିବାରଠାରୁ ୩ ଲକ୍ଷ ଟଙ୍କା ଦାବି କରିଥିଲେ। ନ ଦେଲେ ମିଛ ମାମଲାରେ ଫସାଇଦେବାକୁ ଧମକ ଦେଇଥିଲେ। ଏନେଇ ସଂପୃକ୍ତ ପରିବାର ଗତ ୨୦୨୦ରେ ତାଳଚେର ଥାନା ଓ ଅନୁଗୋଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ପୋଲିସଠାରୁ କୌଣସି ନ୍ୟାୟ ନ ପାଇ ଉକ୍ତ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ହାଇକୋର୍ଟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ପୋଲିସ ତଦନ୍ତ କରି ସିଲ୍‌ସିଲାଙ୍କ ସମେତ ୫ ଜଣଙ୍କ ନାଁରେ ଚାର୍ଜଶିଟ ବି ଦେଇଛି। ସେହିପରି ଏନ୍‌ଏଚ୍‌ଆର୍‌ସି ଗାଡିକୁ ନମ୍ବର ପ୍ଲେଟ ବଦଳାଇ ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ଉଠୁଛି। ଏତେସବୁ ଘଟଣାରେ ସମ୍ପୃକ୍ତ ଥିବା ସିଲ୍‌ସିଲା ଏବେ ନିଜ ଇଞ୍ଜିନିୟର ସ୍ୱାମୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ଛନ୍ଦି ହୋଇଥିଲେ ମଧ୍ୟ ପୋଲିସ କାହିଁକି ସମୟ ଗଡ଼ାଉଛି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ମାମଲାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଘଟଣା ଦିନ ଡିସିପି ଉମାଶଙ୍କର ଦାସ କହିଥିଲେ। ଅଭିଯୁକ୍ତମାନେ ଫେରାର ଥିବା ନେଇ ଥାନା ପୋଲିସ କହିଥିଲା। ଇତିମଧ୍ୟରେ ତିନିଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଆଉକାହାକୁ ଗିରଫ କରିବାରେ ସଫଳ ହୋଇନାହିଁ। ଗଣମାଧ୍ୟମରେ ଅଭିଯୁକ୍ତା ସିଲ୍‌ସିଲା ବୟାନ ଦେଉଥିବାବେଳେ ପୋଲିସ କାହିଁକି ଫେରାର ଥିବା କହୁଛି? ଏ ସମ୍ପର୍କରେ ମଞ୍ଚେଶ୍ୱର ଥାନା ଆଇଆଇସି ସୁଧୀର କୁମାର ସାହୁଙ୍କୁ ପଚାରିବାରୁ, ତଦନ୍ତ ଚାଲିଥିବାରୁ କିଛି କହିହେବ ନାହିଁ ବୋଲି ସେ କହିଛନ୍ତି।

# ପିସିସି ସଭାପତି ପରିବର୍ତ୍ତନ ନବୀନ ବାବୁ କରାନ୍ତି: ସୁର

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟିରେ କିଏ କ’ଣ ରହିବେ ଏହା ବିଜେଡ଼ି ପକ୍ଷରୁ ନିଆଯାଉଥିବା ନିଷ୍ପତ୍ତିରୁ ଚୂଡାନ୍ତ କରାଯାଉଥିବା ଖୋଦ୍ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରକାଶ କରିଛନ୍ତି। ପିସିସି ସଭାପତି ଓ ରାଜ୍ୟ ପ୍ରଭାରୀଙ୍କ ନିଯୁକ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇଙ୍ଗିତରେ ହେଉଥିବା ସୁର କହିଛନ୍ତି। ପ୍ରଦେଶ କଂଗ୍ରେସର ସବୁ ବଦଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୁଛନ୍ତି। ପ୍ରଭାରୀ ଏ. ଚେଲ୍ଲାକୁମାର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବଦଳି ମୁଖ୍ୟମନ୍ତ୍ରୀଙ୍କ ଅନୁଯାୟୀ ଚୟନ କରାଯାଉଛି। ସେହିପରି ଏହି ଚୟନ ମଧ୍ୟ ସେହି ଢଙ୍ଗରେ କରାଯିବ ବୋଲି ପ୍ରତ୍ୟକ୍ଷ ଭାବେ କହିଛନ୍ତି। ଆସନ୍ତା ମେ ୭ ସୁଦ୍ଧା ପିସିସି ପରିବର୍ତ୍ତନ ନେଇ ନିଶ୍ଚିତବାଣୀ କରିଛନ୍ତି। ଅପରପକ୍ଷେରେ ବିଜେଡି ପକ୍ଷରୁ ଏହି ଆରୋପକୁ ଦୃଢ଼ ଖଣ୍ଡନ କରାଯାଇଛି। କଂଗ୍ରେସ ଏକ ଜାତୀୟ ଦଳ ହେଇ ସୁଦ୍ଧା ପରୋକ୍ଷରେ ଆଞ୍ଚଳିକ ଦଳ ଦ୍ୱାରା କିପରି ପରିଚାଳିତ ହେବ ବୋଲି ବିଜେଡି ପକ୍ଷରୁ ପାଲଟା ପ୍ରଶ୍ନ କରାଯାଇଛି। ଏନେଇ ବିଜେଡିର ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ କହିଛନ୍ତି, ଏହା ଏକ ହାସ୍ୟାସ୍ପଦ ଆରୋପ। ଆମେ ହେଉଛୁ ଏକ ଆଞ୍ଚଳିକ ଦଳ। ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶା ଓ ବିଜେଡି ଉପରେ ନଜର ରଖନ୍ତି। ଅନ୍ୟ ଦଳ କ’ଣ କରୁଛି, ସେଥିରେ ଆମର କିଛି ଯାଏ ଆସେ ନାହିଁ ବୋଲି ସାମନ୍ତରାୟ କହିଛନ୍ତି।

**ହାସ୍ୟାସ୍ପଦ କହିଲା ବିଜେଡି**

# ‘ଥିଲେ ଦିଅ, ନ ଥିଲେ ନିଅ’

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ସ୍ଥାନୀୟ ୩୪ ନଂ ୱାର୍ଡ ସତ୍ୟନଗର ଡେଭେଲପମେଣ୍ଟ ଓ କଲ୍‌ଚରାଲ୍ ସୋସାଇଟିଠାରେ ଶନିବାର ଉକ୍ତ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ‘ଥିଲେ ଦିଅ, ନ ଥିଲେ ନିଅ’ ଅଭିଯାନ ମାଧ୍ୟମରେ ବସ୍ତ୍ର ଓ ଛତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବସ୍ତ୍ର ଏବଂ ଛତାର ଅଭାବ ଥିବା ଲୋକଙ୍କୁ ସଂଗ୍ରହ କରାଯାଇଥିବା ପୁରୁଣା ବସ୍ତ୍ର ଏବଂ ଛତାଗୁଡିକୁ ବଣ୍ଟନ କରି ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଉକ୍ତ ଏକ ପ୍ରୟାସ। ଲୋକଙ୍କୁ ଖଣ୍ଡେ ବସ୍ତ୍ର ଓ ଗୋଟେ ଛତା ଯୋଗାଇ ଦିଆଯାଇଥିଲା। ୬ ବର୍ଷ ଧରି ଉକ୍ତ ଏହି ପ୍ରୟାସ କରିଆସିଛି। ତେବେ ପୂର୍ବବର୍ଷ ଏହି କାର୍ଯ୍ୟକ୍ରମରେ ୨୫ହଜାରରୁ ଉର୍ଦ୍ଧ୍ୱ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପରାମର୍ଶଦାତା ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ରୁଦ୍ରାକ୍ଷ ପାଣିଗ୍ରାହୀ, ଲୋକନାଥ ପଣ୍ଡା, ତୁଷାର ପଟ୍ଟନାୟକ, ଶୀତଲ୍ ପାତ୍ର, ପ୍ରଭାତ ଶତପଥୀ, କିଶୋର ଦାସ, ଜୋଷିକା ବୋଷ ଓ ଉକ୍ତ ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ପେନ୍ ଇନ୍ ବୁକ୍ସ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ଶରତ ସନ୍ଧ୍ୟାରେ କବି ଶରତ କୁମାର ଦାଶଙ୍କ ନବମ କବିତା ସଂକଳନ ଓ ସଙ୍ଗୀତ ଆଲବମ ‘ଅଭିସାର’ ଏବଂ ସ୍ମୃତିକଥା ‘କାହାଣୀ ସରିନାହିଁ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ ପ୍ରଥମ ‘ଶରତ ସମ୍ମାନ’

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ପେନ୍ ଇନ୍ ବୁକ୍ସ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ‘ଶରତ ସନ୍ଧ୍ୟା’ ଶନିବାର ଆୟୋଜିତ ହୋଇଯାଇଛି। କବି ତଥା ଗୀତିକାର ଶରତ କୁମାର ଦାଶଙ୍କ ସୃଜନକୁ ନେଇ ପ୍ରସ୍ତୁତ ଏହି ଉତ୍ସବ କବିତା, କଥା, ସଙ୍ଗୀତ, ନୃତ୍ୟ ଓ ଚିତ୍ରର ଏକ ସମନ୍ୱୟ ଥିଲା। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମେୟର ସୁଲୋଚନା ଦାସ, ପ୍ରଧାନ ଆୟକର ଆୟୁକ୍ତ ତଥା ଲେଖକ ଧୀରେନ୍ଦ୍ର ମିଶ୍ର, ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ମଧୁସୂଦନ ପାଢ଼ୀ, ଶିଶୁ ସାହିତ୍ୟିକ ଦାଶ ବେନ୍‌ହୁର, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ କବି ଦାଶଙ୍କ ନବମ କବିତା ସଂକଳନ ଓ ସଙ୍ଗୀତ ଆଲବମ ‘ଅଭିସାର’ ସହ ସ୍ମୃତିକଥା ‘କାହାଣୀ ସରିନାହିଁ’ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଲେଖକ ତଥା ବାଗ୍ମୀ କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ ପ୍ରଥମ ‘ଶରତ ସମ୍ମାନ’ ପ୍ରଦାନ କରାଯାଇଛି। ଦାଶଙ୍କ ସଦ୍ୟତମ ସଂକଳନ ‘ଅଭିସାର’ର ୧୦ଟି ନିର୍ବାଚିତ କବିତାକୁ ସଙ୍ଗୀତ ରୂପ ଦେଇ ‘ଅଭିସାର’ ଆଲବମ୍ ପ୍ରସ୍ତୁତ କରିଛନ୍ତି ପ୍ରେମ ଆନନ୍ଦ। ର୍‌ୟାମ୍ପ ଶୋ’ ସହ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ହ୍ୟୁମାନ ସାଗର, ସବିଶେଷ ମିଶ୍ର, ଦେବକୃପା ମିଶ୍ର, ଆଶୁତୋଷ ମହାନ୍ତି, ବିଷ୍ଣୁମୋହନ କବି, ଲୋପାମୁଦ୍ରା ଦାଶ, ସତ୍ୟଜିତ ପ୍ରଧାନ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୮ ଜଣ ବ୍ୟକ୍ତିତ୍ୱଙ୍କ ସମେତ ‘ଅଭିସାର’ର ପ୍ରଚ୍ଛଦ ଚିତ୍ର ଆଙ୍କିଥିବା ସାମାଜିକ କର୍ମୀ ଶୁଚିସ୍ମିତା ପୃଷ୍ଟିଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। କଥାକାର ଶୁଭ୍ରାଂଶୁ ପଣ୍ଡା ଅଧ୍ୟକ୍ଷତା କରିବା ସହ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିଲେ। କବି ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିଥିଲେ।

# ୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ଗୋପ, ୨୩।୪(ଡି.ଏନ.ଏ)**

କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଶନିବାର କେତେକ ସ୍ଥାନରେ ନିଶା ବିକ୍ରି କରୁଥିବା ଘର ଉପରେ ଚଢାଉ କରାଯାଇଛି । ଗୋପ ଥାନା ଅଧୀନ ବୟାଳିଶବାଟି ଗ୍ରାମର ତାରିଣୀ ମନ୍ଦିର ନିକଟରେ ଚଢ଼ାଉ କରାଯାଇ ଜଣେ ଯୁବକଙ୍କୁ ଗିରଫ କରିବା ସହ ୪ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ସେ ହେଲେ ବୟାଳିଶବାଟି ଗ୍ରାମର ତ୍ରିନାଥ ଭୋଇ (୩୦)। ଏ ନେଇ ପୋଲିସ ଏକ ମାମଲା(ନଂ. ୪/୨୦୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୪ଲକ୍ଷ ଟଙ୍କା ହେବା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଶନିବାର ସକାଳେ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶରେରେ ଅବକାରୀ ବିଭାଗ ବୟାଳିଶବାଟୀ ଗ୍ରାମରେ ଚଢାଉ କରି ଏହି ଅଭିଯୁକ୍ତକୁ ଗିରଫ କରିଛି। ସୂଚନାଯୋଗ୍ୟ, କିଛିଦିନ ଧରି ଗୋପ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଭଡା ରହି ଫେରି କରୁଥିବା ଲୋକମାନେ ବାଂଲାଦେଶରୁ ବ୍ରାଉନ ସୁଗାର, ଚରସ ଭଳି ନିଶାଦ୍ରବ୍ୟ ଆଣି ବିଭିନ୍ନ ଗାଁକୁ ଫେରି କରିବା ନାଁରେ ବିକ୍ରି କରୁଥିବା ଭଳି ଅଭିଯୋଗ ରହିଛି। ଏପରିକି ଦିନ ଦ୍ୱିପ୍ରହରରେ ପୋଲିସ ଆଉଟ ପୋଷ୍ଟ ପଛରେ ଏହି ନିଶା କାରବାର ମଧ୍ୟ ଚାଲୁଛି। ଏପରି ଅଭିଯୋଗକୁ ନେଇ ପୁରୀ ଜିଲା ଏସ୍‌ପି ନିଶା କାରବାରକୁ ରୋକିବା ପାଇଁ ଟିମ ଗଠନ କରି ନିଶାଦ୍ରବ୍ୟ ଧରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ନୟାହାଟ ଫାଣ୍ଡି ଅଞ୍ଚଳରେ ନିଶାବିକ୍ରିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ଅଭିଯୋଗ ସମ୍ପର୍କରେ ଫାଣ୍ଡି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

# ପୋଖରୀରେ ବୁଡ଼ି ନାବାଳକ ମୃତ

**ବେଗୁନିଆ, ୨୩।୪(ଡି.ଏନ୍.ଏ.)**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ଶନିବାର ପୋଖରୀରେ ବୁଡ଼ିଯିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ସୌମ୍ୟସ୍ୱରୂପ ନାୟକ(୧୫)। ପୂର୍ବାହ୍ଣ ପ୍ରାୟ ୧୦ଟାରେ ସୌମ୍ୟ ଘର ନିକଟ ଏକ ପୋଖରୀକୁ ଗାଧୋଇବକୁ ଯାଇଥିଲେ। ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ସ୍ଥାନୀୟ ଅଞ୍ଚଳର କେହି ତାଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକେ ସୌମ୍ୟଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାସକର ଝିଅକୁ ଧରି କୂଅକୁ ଡେଇଁଲେ ମା’

**ଟାଙ୍ଗୀ(ଖୋର୍ଦ୍ଧା), ୨୩।୪(ଡି.ଏନ୍.ଏ.)**

**ଉଭୟ ଗୁରୁତର ଅବସ୍ଥାରେ ଉଦ୍ଧାର**

ପାରିବାରିକ କଳହକୁ କେନ୍ଦ୍ରକରି ଏକମାସର ଶିଶୁକନ୍ୟାଙ୍କୁ ଧରି କୂଅକୁ ଡେଇଁଲା ମା’। ଏଭଳି ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଗ୍ରାମ ବଳରାମପୁର ସାହିରେ ଦେଖିବାକୁ ମିଳିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଟାଙ୍ଗୀ ପ୍ରଧାନସାହିର ମାନସ ଦାସ ବଳରାମପୁରସାହିର ତପସ୍ୱିନୀ ବେହେରାଙ୍କ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛିଦିନ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ପରେ ଉଭୟ ବଳରାମପୁର ସାହିର ଏକ ଭଡ଼ାଘରେ ରହିଥିଲେ। ଏକ ମାସ ପୂର୍ବେ ତପସ୍ୱିନୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। କୌଣସି କାରଣ ପାଇଁ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବାରୁ ଆତ୍ମହତ୍ୟା ପାଇଁ ତପସ୍ୱିନୀ ଶିଶୁକନ୍ୟାଙ୍କୁ ଧରି କୂଅକୁ ଡେଇଁପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ସହଯୋଗରେ ତପସ୍ୱିନୀ ଓ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଲିଟିଲ ଷ୍ଟାର ଗ୍ରୁପ୍‌ର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ନିମାପଡ଼ାର ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୧୯ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଶନିବାର କିସ୍ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପର ପ୍ରତିଷ୍ଠାତା ତଥା ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରୀତିରାୟ ଚାନ୍ଦ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତରାୟ, ନଟିଆ କମେଡିର ସ୍ମୃତିରଞ୍ଜନ ମହାନ୍ତି, ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସହ ନିଜ ଅଭିଜ୍ଞତା, ଅନୁଭୂତିକୁ ବାଣ୍ଟିଥିଲେ। ଏହି ଅବସରରେ ଗ୍ରୁପ୍‌ର ତ୍ରୈମାସିକ ପତ୍ରିକା ‘ମୋ ଆଶା’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଗ୍ରୁପ୍‌ର ପିଲାମାନେ ଧଉଳି, ବିଜ୍ଞାନ ସଂଗ୍ରହାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ। ଗ୍ରୁପ ପକ୍ଷରୁ ଗୌରୀ ଶଙ୍କର ଆଚାର୍ଯ୍ୟ, ଅତିଶ ମହାପାତ୍ର, ଉର୍ମିଳା ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କିସ୍ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ଲିଟିଲ୍ ଷ୍ଟାର୍ ଗ୍ରୁପ୍ ନିମାପଡ଼ା ପକ୍ଷରୁ ଆୟୋଜିତ ବ୍ୟକ୍ତିତ୍ୱ ବିକାଶ କର୍ମଶାଳାରେ ଅତିଥିମାନେ ସୁମନ୍ତ ମହାରଣାଙ୍କ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ‘ମୋ ଆଶା’କୁ ଉନ୍ମୋଚନ କରୁଛନ୍ତି।

# ୨୬.୭ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୩।୪(ଡି.ଏନ୍.ଏ.):**

ଖୋର୍ଦ୍ଧାରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। ନିକଟରେ ଅବକାରୀ ପୋଲିସ କାର୍‌ରେ ଚାଲାଣ ହେଉଥିବା ବିପୁଳ ଗଞ୍ଜେଇ ଜବତ କରିଥିବା ବେଳେ ଶନିବାର ଖୋର୍ଦ୍ଧା ଏବଂ ଟାଙ୍ଗୀ ରେଞ୍ଜର ପୃଥକ ସ୍ଥାନରେ ଚଢ଼ାଉ କରି ୨୬.୭ କେଜିଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡାଙ୍ଗରିକିଆର ଅଶୋକ ରାଣାଓ ଲିଆସ ଦୀପା। ସୂଚନା ମୁତାବକ, ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ଅଶୋକ ଗଞ୍ଜେଇ ଧରି ଗ୍ରାହକଙ୍କ ଅପେକ୍ଷାରେ ରହିଥିଲେ। ଖବର ପାଇ ଖୋର୍ଦ୍ଧା ଅବକାରୀ ଥାନାଧିକାରୀ ଭୈରବ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସାଦା ପୋଷାକରେ ବସ୍‌ଷ୍ଟାଣ୍ଡରେ ଯାଞ୍ଚ କରିବା ବେଳେ ଅଶୋକଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚରା ବେଳେ ୧୪ କେଜି ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ.୬/୨୨)ରୁଜୁ ହୋଇଛି। ସେହିପରି ଦୀପା ଗଞ୍ଜେଇ ଧରି ନିରାକାରପୁର ଥାନା ଉଗ୍ରତାରା ଛକ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ଅବକାରୀ ଟିମ୍ ଚଢ଼ାଉ କରି ୧୨.୭ କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ଏକ ମାମଲା (ନଂ.୫/୨୨) ରୁଜୁ ହୋଇଛି।

# ବିଦ୍ୟୁତ୍ ଦର ନେଇ ତେଜୁଛି ଆନ୍ଦୋଳନ




ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହ ଦର ହ୍ରାସ ଦାବିରେ ଓଡ଼ିଶା ଜନଶକ୍ତି ମୋର୍ଚ୍ଚା ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ କମାଇବା ଓ ନିରବଚ୍ଛିନ୍ନ ଉନ୍ନତମାନର ବିଦ୍ୟୁତ୍ ଯୋଗାଣ ଦାବି ନେଇ ଆନ୍ଦୋଳନ ତେଜୁଥିବାବେଳେ ଜନ ଶକ୍ତି ମଞ୍ଚ ରାସ୍ତାକୁ ଓହ୍ଲାଇଛି। ମଞ୍ଚ ଆବାହକ ଅଶୋକ ନନ୍ଦଙ୍କ ନେତୃତ୍ୱରେ ଶନିବାର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ନନ୍ଦ କହିଛନ୍ତି, ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଏବଂ ବଣ୍ଟନ କରୁଥିବା ସଂସ୍ଥାଗୁଡ଼ିକର ଆୟ ବ୍ୟୟର ଅଡ଼ିଟ ନ କରି ଓଇଆର୍‌ସି ଗତ ୨ ଦଶନ୍ଧି ଧରି ତାରିଖ ବଢାଇ ଚାଲିଛନ୍ତି। ଆନୁଷ୍ଠାନିକ ଖର୍ଚ୍ଚକୁ ହିସାବକୁ ନ ନେଇ ପ୍ରକୃତ ଖର୍ଚ୍ଚ ଅନୁଧ୍ୟାନ କରି ତାରଖ ନିର୍ଦ୍ଧାରଣ କଲେ ଓଡ଼ିଶା ଭଳି ଏକ ବିଦ୍ୟୁତ୍ ବଳକା ରାଜ୍ୟରେ ୟୁନିଟ୍ ପିଛା ବିଦ୍ୟୁତ୍ ଦର ପ୍ରାୟ ୧ ଟଙ୍କା କମ୍ ହୋଇପାରିବ। ସରକାର ଗତ ୨ ଦଶନ୍ଧିରେ ଯେଉଁ ତାରଖ ବୃଦ୍ଧିକରି ବର୍ଦ୍ଧିତ ଶୁଳ୍କ ନେଇଛନ୍ତି ତାକୁ ଫେରାଇବା ତଥା କୃଷି ଓ କୃଷିଭିତ୍ତିକ ଶିଳ୍ପକୁ ମାଗଣା ବିଦ୍ୟୁତ୍ ଯୋଗାଇ ଦେବା ଆଦି ଦାବି ନେଇ ଆନ୍ଦୋଳନ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ଏପ୍ରିଲ, ୨୦୨୨

**ହାତୀ ଉପଦ୍ରବ: ପାଚେରି, ଗଛ ଭାଙ୍ଗିଲା**

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଭଗୀପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୨ଟି ଜଙ୍ଗଲୀ ହାତୀ ପଶି ଉପଦ୍ରବ କରିଛନ୍ତି। ସେମାନେ ଚାଷ ଜମିରେ ପଶି ଫସଲ ଖାଇବା ସହ ଏକ ଫାର୍ମ ହାଉସ ପାଚେରି ଭାଙ୍ଗି କଦଳୀ, ଆମ୍ବ ଓ ନଡିଆ ଗଛ ଆଦି ନଷ୍ଟ କରିଦେଇଛନ୍ତି। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଦ୍ୱୟକୁ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ।



## ସଂକ୍ଷେପରେ

### ସୁନା ଅଳଙ୍କାର ଜବତ, ମହିଳା ଗିରଫ

**କଟକ ଅଫିସ, ୨୩।୪:** ମାଲିକଙ୍କ ଘରୁ ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ମହିଳାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବଣିଆଟାଙ୍ଗୀ ଗ୍ରାମର ପୁଷ୍ପଲତା ପରିଡ଼ା(୨୦)। ତାଙ୍କ ନିକଟରୁ ଗୋଟିଏ ସୁନାଚେନ୍, ଗୋଟିଏ ସୁନାମୁଦି ଓ ୨ହଳ ସୁନା କାନଫୁଲ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଫକୀରପୁର ପଣ୍ଡାସାହିର ରାହୁଲ ପ୍ରତ୍ୟୁଷ ମହାନ୍ତିଙ୍କ ଘରେ ପୁଷ୍ପଲତା ଦୀର୍ଘମାସ ଧରି କାମ କରିବା ସହ ସେଠାରେ ରହୁଥିଲେ। ହେଲେ ଗତ ୨୧ ତାରିଖରେ ରାହୁଲଙ୍କ ଘରୁ ଅଳଙ୍କାର ଚୋରିକରି ସେ ପଳାଇ ଯାଇଥିଲେ। ଏ ସମ୍ପର୍କରେ ରାହୁଲ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୫୯/୨୨) ରୁଜୁ କରିଥିଲା। ତଦନ୍ତ ବେଳେ ପୁଷ୍ପଲତା ଖୋର୍ଦ୍ଧା ଜିଲା ବଣିଆଟାଙ୍ଗୀସ୍ଥିତ ଘରେ ଲୁଚିଥିବା ପୋଲିସ ଜାଣିପାରିଥିଲା। ପରେ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### ସଚେତନତା କାର୍ଯ୍ୟକ୍ରମରେ ସ୍କୁଲପିଲାଙ୍କୁ ସଚେତନ

**କଟକ ଅଫିସ, ୨୩।୪:** କଟକ ଆର୍‌ଟିଓ ଓ ଟ୍ରାଫିକ୍ ପୋଲିସର ମିଳିତ ଉଦ୍ୟମରେ ଶନିବାର ସିଡିଏ ଡିଏଭି ସ୍କୁଲ ନିକଟରେ ଗାଡ଼ି ଚଳାଇବା ଉପରେ ସ୍କୁଲ ପିଲାମାନଙ୍କୁ ସଚେତନ କରାଯାଇଥିଲା। କମ୍ ବୟସରେ ଗାଡ଼ି ଚଳାଇବା ପାଇଁ ନିୟମ ନ ଥିବା ନେଇ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। ଏହି ସମୟରେ ୫ଟି ଗାଡ଼ି ଜବତ କରାଯାଇ ଟ୍ରାଫିକ୍ ଥାନାକୁ ଅଣାଯାଇଥିଲା । ସୂଚନାଯୋଗ୍ୟ, କଟକରେ ଶନିବାରଠାରୁ ଗାଡ଼ି ଚେକିଂକୁ ଜୋର୍‌ଦାର୍ କରାଯାଇଛି। ଆଗାମୀ ଦିନରେ ଅନ୍ୟ ବିଦ୍ୟାଳୟ ସମ୍ମୁଖରେ ଏଭଳି କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ବିନା ଲାଇସେନ୍ସରେ ପିଲା ସ୍କୁଲକୁ ଗାଡ଼ି ନେଇ ଆସିଲେ ତାଙ୍କ ଅଭିଭାବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ଟ୍ରାଫିକ୍ ଏସିପି ଦିଲୀପ ଦାସ ସୂଚନା ଦେଇଛନ୍ତି।

### ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ସାଧାରଣ ସଭା

**କଟକ ଅଫିସ, ୨୩।୪:** କଟକ ସଦର ବ୍ଲକ ଗତିରାଉତ ପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାମାନେ ସମାଜ ପାଇଁ ପଥ ନିର୍ମାଣକାରୀ ବୋଲି କହିଥିଲେ। ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଭାପତି ଡ. ଲକ୍ଷ୍ମୀକାନ୍ତ ମହାରଣା ଓ ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଡ. ତରୁଲତା ଦେବୀ ଅତିଥି ପରିଚୟ, ଉମେଶ ଦାଶ କ୍ଷେତ୍ରୀୟ ଓ ପ୍ରାଦେଶିକ କାର୍ଯ୍ୟକର୍ତ୍ତାଙ୍କ ପରିଚୟ, ଶିକ୍ଷା ବିକାଶ ସମିତିର ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ସଭାର ପ୍ରସ୍ତାବନା ଉପସ୍ଥାପନ କରିଥିଲେ। ଡ. ପ୍ରଦୀପ କୁମାର ସାହୁ, ସଂଘର ବରିଷ୍ଠ ପ୍ରଚାରକ ବିଜୟ ଗଣେଶ କୁଲକର୍ଣ୍ଣି ଓ ସଂଗଠନ ମନ୍ତ୍ରୀ ଦିବାକର ଘୋଷ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା: ୧୩୬୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ନିଶ୍ଚିନ୍ତକୋଇଲି/ବଡ଼ମ୍ବା,୨୩।୪(ସ୍ୱ.ପ୍ର./ଡି.ଏନ୍.ଏ.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮୮୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ୪୦ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଅମିତ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ସେହିପରି ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଣିଆବନ୍ଧ, ବଡ଼ମ୍ବା, ଖଇରମ ଗୋପୀନାଥପୁର, ବାଙ୍କିରିସିଂଘା ଅଞ୍ଚଳରୁ ଆସିଥିବା ୪୮୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ମେଳାକୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଆଢେକ୍ ପରିଚାଳନା କରିଥିଲେ।

# 'ଶାରଳା ମହାଭାରତ ଭାରତୀୟ ସାହିତ୍ୟର ଅନବଦ୍ୟ କୃତି'



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟମାନେ।

**ସାରଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

**କଟକ ଅଫିସ, ୨୩।୪**

ଶାରଳା ଦାସଙ୍କ ମହାଭାରତ ଭାରତୀୟ ସାହିତ୍ୟର ଏକ ଅନବଦ୍ୟ କୃତି। ସାଧନା ଓ ଭକ୍ତି ଫଳରେ ମା' ଶାରଳାଙ୍କ ଅପାର କରୁଣା ଲାଭକରି ସିଦ୍ଧେଶ୍ୱର ପରିଡ଼ା ଶାରଳା ଦାସରେ ପରିଣତ ହୋଇଥିଲେ। ଆଧାତ୍ମିକ ଭାବଧାରା ଓ ଦିବ୍ୟଦୃଷ୍ଟିର ଅଧିକାରୀ ହୋଇ ସେ ମହାଭାରତ ଗ୍ରନ୍ଥ ରଚନା କରିପାରିଥିଲେ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଶ୍ରୀଜଗନ୍ନାଥଙ୍କ ପାଇଁ ସମର୍ପିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟକ ସାରଳା ଭବନରେ ଶନିବାର ସାରଳା ସାହିତ୍ୟ ସଂସଦର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକା ପଦ୍ମଭୂଷଣ ପ୍ରତିଭା ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଦିକବିଙ୍କୁ ବାଦ୍ ଦେଇ ଓଡ଼ିଆ ଭାଷା ସାହିତ୍ୟର କଳ୍ପନା କରାଯାଇ ନ ପାରେ। ବିଶିଷ୍ଟ ଅତିଥି ଭାବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ କହିଥିଲେ, ସାରଳା ଦାସ ତାଙ୍କ ମହାଭାରତରେ ସାଧାରଣ ଜନଜୀବନର କାହାଣୀ ଚିତ୍ରଣ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ପ୍ରସିଦ୍ଧ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କୁ କଳିଙ୍ଗ ରତ୍ନ ସମ୍ମାନ ଓ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ସାରଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦ ପକ୍ଷରୁ ପ୍ରକାଶିତ 'ମନୀଷୀ ମନୋଜ' ଗ୍ରନ୍ଥକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ସଂସଦର ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ଡ. ବନ୍ଦିତା ଦାଶ ଓ ସଞ୍ଜିତ କୁମାର ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜ ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ରାଜ୍ୟପାଳଙ୍କୁ ଅଭ୍ୟର୍ଥନା ଜଣାଇଥିଲେ। ପ୍ରଫେସର ନିମାଇଁ ଚରଣ ପରିଜା, କବି ପ୍ରସନ୍ନ କୁମାର ଜେନା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ମୁଗ୍ରୀ ଶାସ୍ତ୍ରୀ, କବିତା ମହାପାତ୍ର, ଗୀତା ପଣ୍ଡା, ଇଂ. ବାବାଜୀ ବେହେରା, ଇଂ. ସୁଶାନ୍ତ ସେଠୀ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଫେସର ନୀରଦ କୁମାର ଗୋଛାୟତ ଧନ୍ୟବାଦ ଦେଇଥିଲେ।

## ୧.୭୭ କୋଟିର ପ୍ରକଳ୍ପ ଉଦ୍‌ଘାଟିତ



**ପଞ୍ଚାୟତ ସମିତି ବୈଠକ**

**ତିଗିରିଆ,୨୩।୪(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ତିଗିରିଆ ପଞ୍ଚାୟତ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଏହି ବୈଠକରେ ବ୍ଲକର ୧ କୋଟି ୭୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ ଉପଜିଲାପାଳ ହେମନ୍ତ ସ୍ୱାଇଁ, ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ, ମଣ୍ଡଳୟନ ଅଧିକାରୀ ପ୍ରଣବ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ କର୍ମଚାରୀ ବାସଗୃହ, ବିଡିଓଙ୍କ ବାସଗୃହ, ବ୍ଲକ ସଦ୍‌ଭାବନା ଗୃହ ସହ ବାଲିପୁଟ ଓ ସୋମପଡା ମିଶନ ଶକ୍ତି ଗୃହ ଶିଳାନ୍ୟାସ, ନୂଆପାଟଣା କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ୩ଟି ନୂତନ ଆର୍. ଆଇ. ସର୍କଲ ଯଥା ନୂଆପାଟଣା, ବଡନାଉପୁଟ ଓ ପାଞ୍ଚଗାଁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ବୈଠକର ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ସଭାପତିତ୍ୱ କରିଥିଲେ। ତିଗିରିଆ ପଞ୍ଚାୟତ ସମିତି ସଭାଗୃହରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ବାବଦରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ବିଜେଡି ସଭାନେତ୍ରୀ ରୂପା ଦଳେଇ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମବିଶ୍ୱାସ ଦ୍ୱାରା ବଞ୍ଚିବାର ସ୍ୱାଦ ଅନୁଭବ କରିହେବ

**କଟକ ଅଫିସ, ୨୩।୪**

ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ ହୋପ୍‌ଏଜ୍‌ର ଦଶମ ବାର୍ଷିକ ଉତ୍ସବ ମର୍କତନଗର ସେକ୍ଟର-୯ସ୍ଥିତ ରାଇସିନା ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଷ୍ଟିସ ଏ.ଏସ୍. ନାଇଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗଭୀର ଆତ୍ମବିଶ୍ୱାସ ଦ୍ୱାରା ବରିଷ୍ଠ ନାଗରିକମାନେ ବଞ୍ଚିବାର ସ୍ୱାଦ ଅନୁଭବ କରିପାରିବେ। ସେହିପରି ବରିଷ୍ଠ ନାଗରିକମାନେ ସୁଖଶାନ୍ତିରେ ଜୀବନ ନିର୍ବାହ କରିବା ଏକ ସାମାଜିକ ଦାୟିତ୍ୱ ବୋଲି ନାଇଡୁ କହିଥିଲେ। ଅନୁଷ୍ଠାନର ସଭାପତି କିଶୋର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ନାଗରିକ ମହାସଂଘ ସଭାପତି ଡା. କୃପାସିନ୍ଧୁ ପଣ୍ଡା, ଡା. ପି.କେ. ନାୟକ, ଡା. ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଅଗ୍ରାଧିକାର ଦେବାକୁ କହିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଡ. ଅନନ୍ତ ଚରଣ ସାହୁ ଓ ସାମାଜିକ କର୍ମୀ କେଶବ ଚରଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଡ. ସତ୍ୟ ରାୟ ସ୍ୱାଗତ ଭାଷଣ, ସମ୍ପାଦକ ରଣଜିତ୍ ସାହୁ ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ପଥପ୍ରାନ୍ତ ସଭା

**କଟକ ଅଫିସ, ୨୩।୪**

ଅତ୍ୟାବଶ୍ୟକ ସାମଗ୍ରୀ, ତୈଳ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ସିପିଏମ୍ କଟକ ମହାନଗର କମିଟି ପକ୍ଷରୁ ଯୋବ୍ରା ଲକ୍ଷ୍ମୀବଜାର ଛକଠାରେ ପଥପ୍ରାନ୍ତ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବିନାରାୟଣ ମଲ୍ଲିକ୍ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦର ବୃଦ୍ଧି ନୀତି ବିରୋଧରେ ଆନ୍ଦୋଳନ ଜୋର୍‌ଦାର କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଆସନ୍ତା ୨୫ ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭକୁ ସଫଳ କରିବାକୁ ଅନୁରୋଧ କରିଥିଲେ। ଗୋପାଳ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରତାପ ମହାପାତ୍ର, ମନମୋହନ ପତି ଓ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ବଦ୍ରି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫୦ କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ, ଗିରଫ ୩ ଅଭିଯୁକ୍ତ।

**କଟକ ଅଫିସ, ୨୩।୪**

ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଛକଠାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍ ସହ ୨୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ଆସାନସୋଲର ମହମ୍ମଦ ରସିଦ ଅଲ୍ଲୀ (୩୩), ବିହାର ପାଟନା ଅଞ୍ଚଳର ମିଥୁନ କୁମାର(୨୪), ବିବେକ କୁମାର(୧୯)ଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଗଞ୍ଜେଇ କନ୍ଧମାଳରୁ ପଶ୍ଚିମବଙ୍ଗ ଅଭିନବ ଉପାୟରେ ଚାଲାଣ ହେଉଥିଲା। ଖବରପାଇ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ତାହାକୁ ଜବତ କରାଯାଇଥିଲା। ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜେଇ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି କଟକ ଷ୍ଟେଟ୍ ଫ୍ଲାଇଂ ସ୍କ୍ୱାଡ୍ ଅଧୀକ୍ଷକ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି।



୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବିକ୍ଷୋଭ।

## 'ଶିକ୍ଷା ମଣିଷର ସର୍ବଶ୍ରେଷ୍ଠ ଉପଲବ୍ଧି'

**ସାଲେପୁର,୨୩।୪(ଡି.ଏନ୍.ଏ.)**

ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ସନ୍ତୋଷ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଇ.ଏଫ୍.ଏସ୍. ଚେୟାରମ୍ୟାନ୍ ଓଡ଼ିଶାର ସିଦ୍ଧାନ୍ତ ଦାଶ ଯୋଗଦେଇ ଶିକ୍ଷା ହିଁ ମଣିଷର ସର୍ବଶ୍ରେଷ୍ଠ ଉପଲବ୍ଧି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ରେଭେନ୍ସାୟୁନିଭର୍ସିଟିର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ନଟବର ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପରିଚାଳନା କମିଟି ଉପସଭାପତି ଦେବୀପ୍ରସାଦ ଦାଶ, ସମ୍ପାଦକ ରବୀନ୍ଦ୍ର ନାଥ କର, ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ ପାରଦର୍ଶିତା ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଉଜ୍ଜୀବିତ କରାଯିବ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ

**କଟକ ଅଫିସ, ୨୩।୪**

କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ଆନୁକୂଲ୍ୟରେ ଆୟୋଜନ ହେବାକୁଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସପ୍ତାହ ନିମନ୍ତେ ପ୍ରସ୍ତୁତି ବୈଠକ ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜ ଜୟନ୍ତୀ ସପ୍ତାହର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଉତ୍କଳୀୟ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଭଞ୍ଜଙ୍କ ଅବଦାନକୁ ଯୁବସମାଜ ଆଗରେ ଉଜ୍ଜୀବିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ମେ' ୮, ୧୫, ୨୧ ଓ ୨୨ ତାରିଖରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ ଗାନ, ଝୋଟି, ମୁରୁଜ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ସେହିପରି ମେ' ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଭଞ୍ଜ ସାହିତ୍ୟ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଳିଙ୍ଗ ଭାରତୀର ସହସମ୍ପାଦକ ରଣଜିତ୍ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ଡ. ସିଦ୍ଧାର୍ଥ ଶଙ୍କର ମହାନ୍ତି, ଡ. ସ୍ନେହଲତା ମିଶ୍ର, ଡ. କ୍ଷୀରୋଦ କୁମାର ସାହୁ, ବିଶ୍ୱରଞ୍ଜନ ଦାସ, ଡ. ଅନୁପ ମାର୍ଥା, ନୀଳମଣି ସାହୁ ଉପସ୍ଥିତ ଥିଲେ। ଉତ୍କଳ ଛାତ୍ର ସାହିତ୍ୟ ସମାଜ ସମ୍ପାଦକ ଡା. ଅଂଶୁମାନ କର ଧନ୍ୟବାଦ ଦେଇଥିଲେ।

## ଏନ୍‌ଆର୍‌ଆର୍‌ଆଇରେ ଠିକା ଶ୍ରମିକଙ୍କ ବିକ୍ଷୋଭ

**କଟକ ଅଫିସ, ୨୩।୪**

- କର୍ମଚାରୀଙ୍କୁ ଦିଆଯାଉନାହିଁ ନିୟମିତ କାର୍ଯ୍ୟ
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର କୃଷିମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯିବ




ବିଭିନ୍ନ ଦାବି ନେଇ ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) କଣ୍ଟ୍ରାକ୍ଟ ଲେବର ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ଏନ୍‌ଆର୍‌ଆର୍‌ଆଇ ମୁଖ୍ୟ ଗେଟ୍ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ୟୁନିୟନର ସଭାପତି ବସନ୍ତ କୁମାର ସାହୁ କହିଛନ୍ତି, ଏନ୍‌ଆର୍‌ଆର୍‌ଆଇରେ ଠିକା ଶ୍ରମିକଙ୍କୁ ଶୋଷଣ ଦିନକୁ ଦିନ ବଢିଚାଲିଛି। ୫୦୦ କର୍ମଚାରୀରୁ ଏବେ କୃଷି ବିଭାଗରେ ୨୫୦ କର୍ମଚାରୀ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି। ୨୫ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା କର୍ମଚାରୀମାନଙ୍କୁ ନିୟମିତ କାର୍ଯ୍ୟ ଯୋଗାଇ ଦିଆଯାଉନାହିଁ। ପ୍ରୋଭିଡେଣ୍ଟ ଫଣ୍ଡ୍ ବାବଦକୁ ଶ୍ରମିକମାନଙ୍କଠାରୁ କଟା ଯାଉଥିବା ଟଙ୍କା ଜମା କରାଯାଉନାହିଁ। ଇଏସ୍‌ଆଇ ଠିକ୍ ରୂପେ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଶ୍ରମିକମାନେ ବାଧ୍ୟହୋଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ଏହି ସମସ୍ୟାର ସମାଧାନ ଓ ଏନ୍‌ଆର୍‌ଆର୍‌ଆଇର ଉତ୍ଥାନ ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର କୃଷିମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସାହୁ କହିଛନ୍ତି। ଠିକା କର୍ମଚାରୀଙ୍କ ଅଭିଯୋଗ ସମ୍ପର୍କରେ ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶିକା ପଦ୍ମିନୀ ସ୍ୱାଇଁ କହିଛନ୍ତି, ଏନ୍‌ଆର୍‌ଆର୍‌ଆଇ ସିଧାସଳଖ କାର୍ଯ୍ୟ ଦେଉନାହିଁ। ଠିକାଦାରଙ୍କୁ ଉକ୍ତ କାର୍ଯ୍ୟ ଦିଆଯାଇଛି। କର୍ମଚାରୀଙ୍କୁ କେତେଦିନ କାର୍ଯ୍ୟ ଦେବେ ସେ ନିଷ୍ପତ୍ତି ଠିକାଦାରଙ୍କର। ଏଥିସହ ପ୍ରୋଭିଡେଣ୍ଟ ଫଣ୍ଡ୍ ଓ ଇଏସ୍‌ଆଇ ସମ୍ପର୍କିତ ଟଙ୍କା ଦାଖଲ କରାଯାଉଛି କି ନାହିଁ ସମ୍ପୃକ୍ତ ଅଧିକାରୀଙ୍କୁ କାଗଜପତ୍ର ଆଣି ଦେଖାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାଇଁ କହିଛନ୍ତି। ଏହି ବିକ୍ଷୋଭରେ ଭାରତୀୟ ମଜଦୁର ସଂଘର ଉପସଭାପତି କିଶୋର ଭୋଇ, ସାଧାରଣ ସମ୍ପାଦକ ସୁଧୀର ନାୟକ, ସହ ସମ୍ପାଦିକା ମମତା ଭୋଇ, କୋଷାଧ୍ୟକ୍ଷ ପ୍ରକାଶ ନାଏକ, ମିନତି ପଣ୍ଡିତ, ପ୍ରମିଳା ଭୋଇ, ତ୍ରୈଲୋକ୍ୟ ଭୋଇ, ଭାରତୀୟ ମଜଦୁର ସଂଘ କଟକ ଜିଲା ସମ୍ପାଦକ ଭାଗୀରଥି ବେହେରା, ଉପସଭାପତି ବିନୋଦ ପତି ପ୍ରମୁଖ ସାମିଲ ହୋଇଥିଲେ।

**Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana place, Kanke Road, Ranchi - 834 031, JHARKHAND,India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**Odisha Mining Corporation Ltd.**
(A Gold Category State PSU)
Registered Office : OMC House, Bhubaneswar – 751001, India
Tel: 0674-2377400/2377401, Fax: 0674-2396889, 2391629, https://omcltd.in
CIN: U13100OR1956SGC000313
OMC | ODISHA NEW OPPORTUNITIES | Mining Happiness
No. 6560/OMC/ 2022
Date: 23/04/2022

**NOTICE**

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022 for the post of Jr. Accountant, the Computer Proficiency Test (CPT) will be conducted on 30.04.2022 in respect of the provisionally shortlisted candidates (The list is available on OMC Website). Please visit OMC website (https://omcltd.in) for details regarding Computer Proficiency Test (CPT) centre, test duration, reporting time etc. The sample question pattern for the Computer Proficiency Test (CPT), Letter of Undertaking for using Scribe/ Reader and Additional Instructions for Scribe/ Reader along with Self Declaration by the scribe/ Reader (for use of the PwD candidates opting for use of Scribe/ Reader) are available in OMC website (https://omcltd.in) for reference.

**Sd./- GENERAL MANAGER (P&A)**

**CORRIGENDUM** No. L-23
(As per Pre-Bid Clarifications Soughted)
**DIRECTORATE OF AGRICULTURE AND FOOD PRODUCTION, ODISHA**
**SUBMISSION OF BID FOR REQUEST FOR PROPOSAL PUBLISHED ON DATED: 05.04.2022**
Selection of Outsourcing Agency for "Outsourcing Identified Static Soil Testing Laboratories" in the Districts under the Director of Agriculture and Food Production, Odisha

1. EMD is exempted for all bidders but a bid security declaration should accompany the application.
2. The turnover criteria is exempted for Start ups.
3. The quoting of professional fees by the bidder is dropped.
4. In Section 2 (at Page No. 21): Failure on bidder's part to furnish the deliverables as per the agreed time line will enforce a penalty @ 1% per week subject to maximum of 3% of the total contract value.
5. In Section 4 (Page 37) contract value more than Rs.5.00 Crore each and duration more than 1 year each may be read as contract value more than Rs.5.00 Crore and duration more than 1 year in Tech A-5.

Sd./- Director of Agriculture and Food Production, Odisha
OIPR-01034/11/0003/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ଏପ୍ରିଲ, ୨୦୨୨

**ଆକ୍ରମଣରେ ୪ କର୍ମଚାରୀ ଆହତ**

ଯାଁଳା,(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗୌଡ଼କାଶିପୁର ନିକଟରେ ଶନିବାର କେତେଜଣ ଦୁର୍ବୃତ୍ତଙ୍କ ପଥର ବିସ୍ମ ମାଡ଼ରେ ଏକ ଟ୍ରକର ଆଗ କାଚ ଭାଙ୍ଗିବା ସହ କମ୍ପାନୀର ୪ଜଣ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଟ୍ରକ୍ ଚାଳକ ଅଜିତ୍ ରାଉତ, କଂକ୍ରିଟ ମେଶିନ ଚାଳକ ସୁରେନ୍ଦ୍ର ସେଠୀ, ଖଲାସି ସୁନିଲ୍ ପ୍ରଧାନ ଓ ସୁପରଭାଇଜର ଦାଶରଥି ପଟ୍ଟନାୟକ। ଖବରପାଇ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଛି। ଆକ୍ରମଣର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ସାପ କାମୁଡ଼ାରେ ସାପ ଧରାଳିଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୪(ଡି.ଏନ୍.ଏ.):** ଗ୍ରାମାଞ୍ଚଳରେ ପରିଚିତ ଜଣେ ସାପ ଧରାଳିଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଓରଡ଼ ପଞ୍ଚାୟତ ଲକ୍ଷ୍ମୀଧରପୁର ଗ୍ରାମର ଉଲ୍ଲାସ ରାଉତ। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳରେ ସାପ ଧରାଳି ଭାବେ ଉଲ୍ଲାସ ପରିଚିତ ଥିଲେ। ଜଣଙ୍କ ଘରେ ନାଗ ଥିବା ଖବର ପାଇ ଉଲ୍ଲାସ ଧରିବାକୁ ଯାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ସାପ ଧରୁଥିବା ବେଳେ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଛତୁଆ ମାନ ପରଖିଲେ ବିଭାଗୀୟ ଅଧିକାରୀ

**କୃଷ୍ଣପ୍ରସାଦ,୨୩।୪(ଡି.ଏନ୍.ଏ.):** ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଛତୁଆ ମିଶ୍ରଣ ଦିବସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳନ ହୋଇଯାଇଛି। ମା'ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ କରୋନା କଟକଣାରେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଭଜା ଗହମ, ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହପରି ମୋରଡା ସ୍ଥିତ ମା'ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଗୋଷ୍ଠୀର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀ ମିଶ୍ରଣ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ରମାମଣୀ ନାୟକ, ଦିପ୍ତୀରାଣୀ ଦଣ୍ଡପାଟ୍ଟ, ଲିନା ମହାପାତ୍ରଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା।

### ୭୨ ୟୁନିଟ୍ ରକ୍ତ ସଂଗ୍ରହ



**ଖୋର୍ଦ୍ଧା ଅଫିସ,୨୩।୪:** ଖୋର୍ଦ୍ଧା ଜିଲା ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ବିଜୁ ଜନତା ଦଳ ରାଜ୍ୟ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା ଶିବିର ପରିଚାଳନା କରିଥିଲେ। ଶିବିରରେ ମୋଟ୍ ୭୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଜିଲା ସଭାନେତ୍ରୀ ଗୀତାଞ୍ଜଳି ପଟ୍ଟଶାଣୀ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ନଗର ସଭାପତି ମହମ୍ମଦ ଆରିଫ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଯୁବନେତା ରୁଦ୍ରନାଥ ଦତ୍ତ, ଛାତ୍ରନେତା ନସିମ ଖାନ୍, ବିଜେଡି ଜିଲା ସମ୍ପାଦକ ଲଳିତ ମୋହନ ମହାପାତ୍ରଙ୍କ ସମେତ ଖୋର୍ଦ୍ଧା ପୌର ପରିଷଦର ସମସ୍ତ ଦଳୀୟ କାଉନ୍‌ସିଲର, ନେତା ଓ କର୍ମୀ ଉପସ୍ଥିତ ଥିଲେ।

### କୃଷ୍ଣପ୍ରସାଦ ପଞ୍ଚାୟତରେ ଜଳଛତ୍ର ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୨୩।୪(ଡି.ଏନ୍.ଏ.):** ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳରେ ଲୋକେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ବ୍ଲକରେ ପାନୀୟଜଳ ସଙ୍କଟ ଦୂର ପାଇଁ ବିଡିଓ ମନୋଜ ନାୟକଙ୍କ ନିର୍ଦ୍ଦେଶକ୍ରମେ ଶନିବାର କୃଷ୍ଣପ୍ରସାଦ ପଞ୍ଚାୟତରେ ଜଳଛତ୍ର ସରପଞ୍ଚ ଇତିଶ୍ରୀ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଟ୍ୟାଙ୍କରରେ ଜଳଛତ୍ର ପାଣିକୁ ଦ୍ୱାର ଦ୍ୱାର ବଣ୍ଟନ କରାଯାଉଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କେଦାର ନାଥ କର, ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବଣ୍ଟନ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।

# ମେଡିକାଲ ପାଚେରି ନିର୍ମାଣକୁ ନେଇ ବିବାଦ

**ଖୋର୍ଦ୍ଧା ଅଫିସ,୨୩।୪**

- ଘରୋଇ କ୍ଲିନିକ୍, ଔଷଧ ଦୋକାନ ପାଇଁ ରହିଛି ଗଳାବାଟ
- ପାଚେରିରେ କ୍ଲିନିକ୍‌ର ପୋଷ୍ଟର ଲଗାଇ ଚାଲିଛି ପ୍ରଚାର

ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର ପାଚେରି ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ମେଡିକାଲ ପାଚେରି ଆରପଟେ ରହିଥିବା ଘରୋଇ କ୍ଲିନିକ୍ ଏବଂ ଔଷଧ ଦୋକାନକୁ ଯିବା ଲାଗି ଗେଟ୍ ନିର୍ମାଣ ପାଇଁ(ଗଳାବାଟ) ଜାଗା ଛଡାଯିବାକୁ ନେଇ ବିବାଦ ଉପୁଜିଛି। ସମ୍ପୃକ୍ତ ଘରୋଇ ଚିକିତ୍ସାଳୟ ଗଢ଼ିଉଠିଥିବା ସ୍ଥାନ ଜିଲାର ପ୍ରଭାବଶାଳୀ ନେତାଙ୍କର ହୋଇଥିବାରୁ ପ୍ରଶାସନ ପକ୍ଷରୁ ଅନୁକମ୍ପା ଦେଖାଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗଳାବାଟ ଛଡ଼ାଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ସେବା ଉପଲବ୍ଧ ସତ୍ତ୍ୱେ ଦିନକୁ ଦିନ ନିକଟରେ ରହିଥିବା ଘରୋଇ କ୍ଲିନିକରେ ରୋଗୀଙ୍କ ଚିକିତ୍ସା ଜାରି ରହିଥିବା ଓ ମେଡିକାଲର କେତେଜଣ ଡାକ୍ତର ସେଠାରେ ସେବା ଯୋଗାଉଥିବା ଜଣାପଡ଼ିଛି। ଏଥିସହ ମେଡିକାଲକୁ ଆସୁଥିବା ରୋଗୀଙ୍କୁ ଉକ୍ତ ଘରୋଇ କ୍ଲିନିକ୍‌କୁ ପଠାଯାଉଥିବା ଚର୍ଚ୍ଚା ହେଉଛି। ଏହି ଘରୋଇ କ୍ଲିନିକ୍‌କୁ ଯିବା ଲାଗି ଟିଏଲ୍‌ସି ସାମ୍ବାଦିକ ଭବନ ଠାରୁ ମେଡିକାଲ ପାଚେରି ପଛପଟକୁ ରାସ୍ତା ରହିଛି। ତେବେ ମେଡିକାଲରୁ କାହିଁକି ଘରୋଇ କ୍ଲିନିକ୍ ଏବଂ ଔଷଧ ଦୋକାନକୁ ଯିବା ଲାଗି ପ୍ରୋତ୍ସାହନ ଦିଆଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ



ଘରୋଇ କ୍ଲିନିକ୍ ଓ ଔଷଧ ଦୋକାନକୁ ଯିବା ପାଇଁ ରହିଥିବା ଗଳାବାଟ।

ମେଡିକାଲ ପାଚେରିରେ ସମ୍ପୃକ୍ତ ଚିକିତ୍ସାଳୟର ପୋଷ୍ଟର ଲଗାଯାଇଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ମେଡିକାଲ ପାଚେରି ନିର୍ମାଣକୁ ନେଇ ବିବାଦ ସୃଷ୍ଟି ହେବା ପରେ କେତେଜଣ ବ୍ୟବସାୟୀ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ରାଜେନ୍ଦ୍ର କୁମାର ସାହୁଙ୍କୁ ଭେଟିଥିଲେ। ବିଧାୟକଙ୍କ ଚାପରେ କିଛିଦିନ ନିର୍ମାଣ କାର୍ଯ୍ୟ ଅଟକିଥିଲା ବୋଲି ଚର୍ଚ୍ଚା ହେଉଛି। ପାଚେରି ପାର୍ଶ୍ୱରେ ରହିଥିବା ଘରୋଇ ଚିକିତ୍ସାଳୟ ଏବଂ ଔଷଧ ଦୋକାନକୁ ଯିବା ଲାଗି ଗଳାବାଟ ରଖାଯିବ ନାହିଁ। ସମ୍ପୃକ୍ତ ବ୍ୟବସାୟୀମାନେ ନିଜସ୍ୱ ବ୍ୟବସ୍ଥା କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ନିଷ୍ପତ୍ତି ବଦଳି ଯାଇଥିଲା। ଦୁଇ ଚାରୋଟି ଔଷଧ ଦୋକାନ ଆଗରେ ଛୋଟ ଗେଟ୍ ଏବଂ ଏକ ଘରୋଇ ଚିକିତ୍ସାଳୟକୁ ଯିବା ଲାଗି ବଡ଼ ଗେଟ୍ ନିର୍ମାଣ ପାଇଁ ସ୍ଥାନ ଛଡ଼ାଯାଇଛି। ତେବେ କାହା ଚାପରେ ପ୍ରଶାସନର ନିଷ୍ପତ୍ତି ବଦଳିଗଲା ଏବଂ ମେଡିକାଲ ପାଚେରିରେ କ୍ଲିନିକ୍ ସୂଚନା ଫଳକ ଲଗାଯାଇଥିବା ନେଇ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡା.ଆର୍ତ୍ତବନ୍ଧୁ ନାୟକ କୁହନ୍ତି, ଏଭଳି ଅଭିଯୋଗ ଅସିନାହିଁ, ଆସିଲେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଏ ନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ବେଗୁନିଆ,୨୩।୪(ଡି.ଏନ୍.ଏ.)**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ସୌମ୍ୟସ୍ୱରୂପ ନାୟକ(୧୫)। ପୂର୍ବାହ୍ନ ପ୍ରାୟ ୧୦ଟାରେ ସୌମ୍ୟ ଘର ନିକଟ ଏକ ପୋଖରୀକୁ ଗାଧୋଇବକୁ ଯାଇଥିଲେ। ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ସ୍ଥାନୀୟ ଅଞ୍ଚଳର କେହି ତାଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକେ ସୌମ୍ୟଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁକରି ତଦନ୍ତ ଚଳାଇଛି।



ଶିକ୍ଷଣ ସାମଗ୍ରୀ ମେଳାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଶିକ୍ଷଣ ସାମଗ୍ରୀ ମେଳା: ୧୩ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା ଅଫିସ,୨୩।୪**

ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ବ୍ଲକସ୍ତରରୁ ୬୬ଜଣ ସମ୍ବଳ ଶିକ୍ଷକ ଅଂଶଗ୍ରହଣ କରି ନିଜ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ୟୁନିସେଫ୍‌ର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରଦର୍ଶନୀ ବୁଲି ଦେଖିବା ସହ ଏହାର ବ୍ୟବହାର ସମ୍ପର୍କରେ ପଚାରି ବୁଝିଥିଲେ। ଉଦ୍‌ଯାପନୀ ଦିବସରେ ଡିଆଇଇଟି ଅଧ୍ୟକ୍ଷ ଡ. ତାପସ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ନୟାଗଡ଼ ଡିଆଇଇଟିର ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ଦାଶ, ଜଗତ୍‌ସିଂହପୁରର ସ୍ମିତାଶ୍ରୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ ସନ୍ଧ୍ୟାରାଣୀ ରାଉତ, ଡ. ନିରଞ୍ଜନ ମହାନ୍ତି ଓ ୟୁନିସେଫ୍‌ର ଜୟଜ୍ୟୋତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନତମାନର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିବା ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ଯୌନଶୋଷଣ ରୋକିବା ପାଇଁ ସଚେତନତା

**ବୋଲଗଡ଼,୨୩।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ଶିଶୁଙ୍କୁ ଯୌନଶୋଷଣରୁ ସୁରକ୍ଷା ଦେବା ନେଇ ବିଭିନ୍ନ ଆଇନଗତ ଦିଗ ଓ ଏଥିପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ପକ୍ଷରୁ ଆୟୋଜିତ ଶିବିରରେ ବୋଲଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଏବିଡିଓ ରତିକାନ୍ତ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ, ପିକକ୍ ଅନୁଷ୍ଠାନର ପ୍ରକଳ୍ପ ଅଧିକାରୀ ଜ୍ୟୋତିଶଙ୍କର ମହାନ୍ତି ଉପସ୍ଥିତ ଥିଲେ। ପିକକ୍ ଅନୁଷ୍ଠାନର ରିସୋର୍ସ ପର୍ସନ ହରିହର ନାୟକ ଶିଶୁ ଯୌନଶୋଷଣକୁ ରୋକିବା ପାଇଁ ସଚେତନତା ଓ କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବାମଦେବ ଜେନା ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୪(ଡି.ଏନ୍.ଏ.)**

ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡା. ମଧୁସୂଦନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଅତିଥି ଭାବେ ସରପଞ୍ଚ କିଶୋର ବେହେରା ଯୋଗଦେଇଥିଲେ। ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। କର୍ମଚାରୀ ସଂଘ ପରିସରରେ ପାଠାଗାର ଖୋଲିବା ଓ ପାଣିର ବ୍ୟବସ୍ଥା କରିବାକୁ ଅତିଥିଙ୍କୁ ସମ୍ପାଦକ ଅନୁରୋଧ କରିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଡା. ମଧୁସୂଦନ ସେନାପତି, ଉପସଭାପତି ରାଜକିଶୋର ରଣସିଂହ, ସମ୍ପାଦକ ଭଗବାନ ଚମ୍ପତି, ସହସମ୍ପାଦକ ସୁରେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ପ୍ରାଧ୍ୟାପକ ଦେବଦତ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ସାମନ୍ତରାୟ ପ୍ରମୁଖ ମନୋନୀତ ହୋଇଛନ୍ତି। ସନ୍ତୋଷ ଚନ୍ଦ୍ର କର ଧନ୍ୟବାଦ ଦେଇଥିଲେ।

## ଶିଶୁକନ୍ୟାଙ୍କୁ ଧରି କୂଅକୁ ଡେଇଁଲା ମା'

**ଟାଙ୍ଗୀ(ଖୋର୍ଦ୍ଧା),୨୩।୪(ଡି.ଏନ୍.ଏ.)**

**ଗୁରୁତର ଅବସ୍ଥାରେ ଉଦ୍ଧାର**

ପାରିବାରିକ କଳହକୁ କେନ୍ଦ୍ରକରି ଏକମାସର ଶିଶୁକନ୍ୟାଙ୍କୁ ଧରି କୂଅକୁ ଡେଇଁଲା ମା'। ଏଭଳି ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଗ୍ରାମ ବଳରାମପୁର ସାହିରେ ଦେଖିବାକୁ ମିଳିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଟାଙ୍ଗୀ ପ୍ରଧାନସାହିର ମାନସ ଦାସ ବଳରାମପୁରସାହିର ତପସ୍ୱିନୀ ବେହେରାଙ୍କ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛିଦିନ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ପରେ ଉଭୟ ବଳରାମପୁର ସାହିର ଏକ ଭଡ଼ାଘରେ ରହିଥିଲେ। ଏକ ମାସ ପୂର୍ବେ ତପସ୍ୱିନୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। କୌଣସି କାରଣ ପାଇଁ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବାରୁ ଆତ୍ମହତ୍ୟା ପାଇଁ ତପସ୍ୱିନୀ ଶିଶୁକନ୍ୟାଙ୍କୁ ଧରି କୂଅକୁ ଡେଇଁପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ସହଯୋଗରେ ତପସ୍ୱିନୀ ଓ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ



ବୈଠକରେ ଯୋଗ ଦେଇଥିବା ଗାଁ ସାଥୀମାନେ।

**ବୋଲଗଡ଼,୨୩।୪(ଡି.ଏନ୍.ଏ.)**

ବୋଲଗଡ଼ ଅଞ୍ଚଳରେ କାର୍ଯ୍ୟରତ ଗାଁ ସାଥୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଛି। ଏ ନେଇ ଶନିବାର ସ୍ଥାନୀୟ ଗାଁ ସାଥୀ(ମେଟ୍) ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ୍ରକାନନରେ ଅନୁଷ୍ଠିତ ଏହି ବୈଠକରେ ସଂଘ ସଭାପତି ତପନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୁରେଶ କୁମାର ସେନାପତି, ମହେଶ୍ୱର ସାହୁ, ଭୀମସେନ ସାହୁଙ୍କ ସମେତ ବହୁ ଗାଁ ସାଥୀ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଁ ସାଥୀଙ୍କୁ ଅଣଦେଖା କରାଯାଉଛି ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇ ପ୍ରଶାସନ ନିକଟରେ ୭ଦଫା ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଗାଁ ସାଥୀଙ୍କୁ ପରିଚୟପତ୍ର ପ୍ରଦାନ, ୧୦ଦିନ କାର୍ଯ୍ୟ ପ୍ରଦାନ, ପ୍ରକଳ୍ପ ମଞ୍ଜୁରୀ ସମୟରେ ଗାଁ ସାଥୀଙ୍କୁ ସଂଶ୍ଳିଷ୍ଟ କରାଇବା, ବକେୟା ପ୍ରାପ୍ୟ ପ୍ରଦାନ, ଗାଁ ସାଥୀଙ୍କ ନାଁରେ ପ୍ରକଳ୍ପ କାର୍ଯ୍ୟାଦେଶ ବାଣ୍ଟିବା ଆଦି ଅନ୍ତର୍ଭୁକ୍ତ। ଏ ନେଇ ସ୍ଥାନୀୟ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଯନ୍ତ୍ରୀ ଓ ଗ୍ରାମ ରୋଜଗାର ସେବକମାନେ ଗାଁ ସାଥୀଙ୍କୁ କାର୍ଯ୍ୟ ସମୟରେ ଅଣଦେଖା କରୁଥିବା ନେଇ ସଭାପତି ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।

## ୨୬.୭ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୩।୪(ଡି.ଏନ୍.ଏ.)**

ଖୋର୍ଦ୍ଧାରେ ଗଞ୍ଜେଇ କାରବାର ବଢ଼ିବାରେ ଲାଗିଛି। ନିକଟରେ ଅବକାରୀ ପୋଲିସ କାର୍‌ରେ ଚାଲାଣ ହେଉଥିବା ବିପୁଳ ଗଞ୍ଜେଇ ଜବତ କରିଥିବା ବେଳେ ଶନିବାର ଖୋର୍ଦ୍ଧା ଏବଂ ଟାଙ୍ଗୀ ରେଞ୍ଜର ପୃଥକ ସ୍ଥାନରେ ଚଢ଼ାଉ କରି ୨୬.୭ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡାଙ୍ଗରିକିଆର ଅଶୋକ ରାଣା(୨୫) ଓ ଲିଆସ ଦୀପା(୨୨)। ତେବେ କନ୍ଧମାଳରୁ ଗଞ୍ଜେଇ ଖୋର୍ଦ୍ଧା ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ସୂଚନା



ମୁତାବକ, ଅଭିଯୁକ୍ତଦ୍ୱୟ ଫିରିଙ୍ଗିଆ ଥାନା ଅଞ୍ଚଳର ହୋଇଥିବା ବେଳେ ଖୋର୍ଦ୍ଧାରେ ଓହ୍ଲାଇବା ପରେ ପୃଥକ୍ ଭାବେ ଗଞ୍ଜେଇ ଚାଲାଣ କରୁଥିଲେ। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ଅଶୋକ ଗଞ୍ଜେଇ ଧରି ଗ୍ରାହକଙ୍କ ଅପେକ୍ଷାରେ ରହିଥିଲେ। ଖବର ପାଇ ଖୋର୍ଦ୍ଧା ଅବକାରୀ ଥାନାଧିକାରୀ ଭୈରବ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସାଦା ପୋଷାକରେ ବସ୍‌ଷ୍ଟାଣ୍ଡରେ ଯାଞ୍ଚ କରିବା ବେଳେ ଅଶୋକଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚରା ବେଳେ ୧୪ କେଜି ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ.୬/୨୨)ରୁଜୁ ହୋଇଛି। ସେହିପରି ଦୀପା ଗଞ୍ଜେଇ ଧରି ନିରାକାରପୁର ଥାନା ଉଗ୍ରତାରା ଛକ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ଅବକାରୀ ଟିମ୍ ଚଢ଼ାଉ କରି ୧୨.୭ କେଜି ଗଞ୍ଜାଇ ଜବତ କରିଥିଲା। ଏ ନେଇ ଏକ ମାମଲା (ନଂ.୫/୨୨) ରୁଜୁ ହୋଇଛି। ସୂଚନାଥାଉ କି, ମାଲକାନଗିରି ପରେ କନ୍ଧମାଳ ଜିଲା ଗଞ୍ଜେଇ ଚାଲାଣର ହବ୍ ପାଲଟିବାକୁ ଯାଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ୟୁନିକ୍ ଷ୍ଟାର ଫାଇନାଲରେ

**ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ବୋଲଗଡ଼,୨୩।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅସରଳା କୁଞ୍ଜବନ ଖେଳ ପଡ଼ିଆରେ ଚାଲିଥିବା ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର କେଶରୀନନ୍ଦନ ଟିମ୍‌କୁ ହରାଇ ୟୁନିକ୍ ଷ୍ଟାର ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କେଶରୀନନ୍ଦନ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁନିକ୍ ଷ୍ଟାର ଟିମ୍ ୧୧ ଓଭରରେ ୯ ଉଇକେଟ ହରାଇ ୫୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ସୌମ୍ୟରଞ୍ଜନ ପାଲ୍‌ଟାସିଂହ ଶ୍ରେଷ୍ଠ ବୋଲର ଓ ସୌରଭ ରଞ୍ଜନ ବରାଡ଼ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇଥିଲେ। ବିଜୟ ସୁନ୍ଦରା ଓ ବିକାଶ କହଲସିହ ମ୍ୟାଚ୍ ପରିଚାଳନା କରିଥିଲେ। ଅସରଳା ପଞ୍ଚାୟତ ସମିତି ସଭ୍ୟା ସୁମିତ୍ରା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଅସରଳା ଟିମ୍‌ର ସଦସ୍ୟ ଓ ଗ୍ରାମର ଯୁବକମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା




କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଉଦ୍‌ବୋଧନ ଦେଉଛନ୍ତି।

**କୃଷ୍ଣପ୍ରସାଦ,୨୩।୪(ଡି.ଏନ୍.ଏ.)**

ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗୋପୀନାଥ ଦେବ ବିଦ୍ୟାପୀଠ, ଚାରିଛକ ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ପ୍ରଣବ ଶଙ୍କର ଦାଶ, ଜିଲା ମୁଖ୍ୟ ଉପଚିକିତ୍ସାଧିକାରୀ ଡା.ଲଲାଟେନ୍ଦୁ ମିଶ୍ର, ଡିପିଏମ୍ ଟି.ନାରାୟଣ ରାଓ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଉତ୍ତମ ତରେଇ, ବିଡିଓ ମନୋଜ ନାୟକ, ସିଡିପିଓ ମନୋରମା ଦେବୀ, ଜିଲାପରିଷଦ ସନ୍ଦୀପ ଜେନା, ଲକ୍ଷ୍ମୀଧର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ତୋଷ କୁମାର ବେହେରା, କେଦାରନାଥ ଜେନା, ବିଜୟ ତରେଇ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟମେଳା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ ସ୍ୱାଇଁ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟମେଳାରେ ଭାଗ ନେଇଥିଲେ। ବ୍ଲକ ପ୍ରୋଗ୍ରାମ ସ୍ୱାସ୍ଥ୍ୟ ଅଧିକାରୀ ସୁନୀଲ ସାମନ୍ତସିଂହାର, ପିଏଚଇଓ ବାସନ୍ତୀ ପ୍ରଧାନ, ବିଏମ୍ ରୀତା ମଞ୍ଜରୀ ବେହେରା, କମଳେଶ୍ୱର ଦେବ ଜନସେବା ସଂଘ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ସବୁଜିମା ଜଳବାୟୁ ପରିବର୍ତ୍ତନକୁ ରୋକିବ'

**ଖୋର୍ଦ୍ଧା ଅଫିସ,୨୩।୪**

**ସବୁଠି ଚାରାରୋପଣ, ସଚେତନତା ଉପରେ ଗୁରୁତ୍ୱ**

ଶିଳ୍ପାୟନ, ସହରାଞ୍ଚଳ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଚାଷଜମି କମିବାରେ ଲାଗିଛି। ଜଙ୍ଗଲ କ୍ଷୟ ଯୋଗୁ ଜୈବବିବିଧତା ନଷ୍ଟ ହେଉଛି। ଏହା ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ ସାଜିଛି। ସଭ୍ୟତାର ବିକାଶ ଆଳରେ ସବୁଜିମାଭରା ପରିବେଶ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି ବୋଲି ସାମାଜିକ ଓ ସେବା ଅନୁଷ୍ଠାନ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ଶୁକ୍ରବାର ଆୟୋଜିତ ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଅନୁଷ୍ଠାନ ସଭାପତି ରଞ୍ଜିତ୍ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶୁଭ୍ରରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ, ଜଳବାୟୁର ସୁରକ୍ଷା ବିଶ୍ୱ ପାଇଁ ଚିନ୍ତାର କାରଣ ସାଜିଛି। ସୁସ୍ଥ ପରିବେଶ ରହିଲେ, ଜଳବାୟୁ ସ୍ୱାଭାବିକ ହୋଇପାରିବ। ସେହିପରି ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଧରିତ୍ରୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ସହରାଞ୍ଚଳରେ ଯାନବାହନ ବଢ଼ିବା ସହ କଳକାରଖାନା ମଧ୍ୟ ନିର୍ମାଣ ଚାଲିଛି। ଏଥିରୁ ନିର୍ଗତ ଧୂଆଁ ପରିବେଶ ପ୍ରଦୂଷଣ କରୁଛି। ବିଷାକ୍ତ ଆବର୍ଜନାରୁ ମୃତ୍ତିକା ନଷ୍ଟ ହେବା ସହ ଫସଲ ହାନି ଘଟୁଛି। ବିଶ୍ୱତାପନ ପ୍ରକ୍ରିୟା ଫଳରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ପ୍ରଦୂଷଣକୁ ରୋକା ନ ଗଲେ ଆଗାମୀ ଦିନରେ ସମାଜ ପାଇଁ କ୍ଷତିକାରକ ସାଜିବ। ଜଳବାୟୁ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ତାପାୟନରୁ ବିଶ୍ୱକୁ ରକ୍ଷା କରିବାକୁ ହେଲେ ପରିବେଶ ସଚେତନତା ସହ ସବୁଜିମା ପରିବେଶର ଆବଶ୍ୟକତା ରହିଛି ବୋଲି ପାଣିଗ୍ରାହୀ କହିଥିଲେ। ସଭାପତିତ୍ୱ ଭାଷଣରେ ସାମନ୍ତରାୟ କହିଥିଲେ, ଆସନ୍ତା ଜୁନ୍ ଓ ଜୁଲାଇ ମାସରେ ବ୍ୟାପକ ଚାରା ରୋପଣ ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ କୃଷ୍ଣ ଦାସ, ସତ୍ୟନାରାୟଣ ବିଶୋଇ, କ୍ଷିତିଶ୍ ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ଏପ୍ରିଲ, ୨୦୨୨

## ଅନୁଭୂତି ବାଣ୍ଟିଲେ ସ୍ୱେଚ୍ଛାସେବୀ

ପୁରୀ ଅଫିସ: ଜାତୀୟ ସେବା ଯୋଜନାର ପୁରାତନ ସ୍ୱେଚ୍ଛାସେବୀଙ୍କର ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ପର୍ବ ଶନିବାର ସାମନ୍ତ ଚନ୍ଦ୍ରଶେଖର କନିଷ୍ଠ ମହାବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୦୦୮ରୁ ୨୦୨୦ ମଧ୍ୟରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ କାର୍ଯ୍ୟ କରିଥିବା ୫୦ଜଣ ପୁରାତନ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ଅଧକ୍ଷ ଡ. ବିଟା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଭାଗ ଅଧାପକ ଡ. ରଞ୍ଜନ ପରିଡ଼ା, ମୁଖ୍ୟବକ୍ତା ଭାବେ ଡ. ଦିଲୀପ ସ୍ୱାଇଁ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀମାନେ ସେମାନଙ୍କର ଅତୀତର ଅନୁଭୂତିକୁ ମନେ ପକାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ, ଆକାଶ ସିଂ, ଶାଶ୍ୱତ ରାଏ, ରଶ୍ମିତା ସାହୁ ଏବଂ ପ୍ରଭାତି ସ୍ୱାଇଁ ଉପସ୍ଥିତ ଥିଲେ। ଅନିଲ ଦାଶ ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ନାରୀ ଶକ୍ତି ଜାଗରଣ ହେଲେ ଦେଶର ଉନ୍ନତି ସମ୍ଭବ

ପୁରୀ ଅଫିସ,୨୩।୪: ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା ଅଷ୍ଟମ ଦିବସୀୟ ବାଳିକା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ମୀରାରାଣୀ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମନ୍ତ ଚନ୍ଦ୍ର ଶେଖର କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ବିଟା ମହାନ୍ତି ଯୋଗଦେଇ ଶିବିରରେ ବାଳିକାଙ୍କର ମନୋନିବେଶ ଏହାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଜେନାମଣି ସୁବାସ ଚନ୍ଦ୍ର ଜେନା ଯୋଗଦେଇ ନାରୀ ଶକ୍ତି ଜାଗରଣ ହେଲେ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ଛାତ୍ରୀଙ୍କୁ ପାର୍ବତୀ ମହାରଣା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଂଯୋଜକ ଡ. ବଳରାମ ଦାଶ ଶିବିରର ଆଭିମୁଖ୍ୟ ଓ ବାଳିକାଙ୍କ ଆତ୍ମରକ୍ଷା ସମ୍ବନ୍ଧୀୟ କୌଶଳ ସମ୍ପର୍କରେ କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରଜ କୁଇନ ଅଡିସନ ବିଜେତା ସୁଶ୍ରୀ ପ୍ରୀତିଲିପ୍ସାଙ୍କୁ ଉପଢୌକନ ପ୍ରଦାନ କରିବା ସହ ସମ୍ମାନିତ ଅତିଥି ପ୍ରତିଭା ତ୍ରିପାଠୀ, ମୁଖ୍ୟବକ୍ତା ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ଜେନା , ପୀତବାସ ମିଶ୍ର , ଶ୍ରୀନିବାସ ସାହୁ , ସରୋଜ କୁମାର , ବିଭୂତି ଭୂଷଣ ପ୍ରଧାନ ଏବଂ ଗିରିଜା ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପଣ୍ଡିତ ତଥା ଅଧାପକ ଦୟାନିଧି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### କିନ୍ନର ସଂଘ ପକ୍ଷରୁ ଖୋଲିଲା ଜଳଛତ୍ର

ପିପିଲି,୨୩।୪(ଡି.ଏନ୍.ଏ./ସ୍ୱ.ପ୍ର.): ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପିପିଲି କିନ୍ନର ସଂଘ ପକ୍ଷରୁ ସ୍ଥାନୀୟ ଟୋଲଗେଟ୍‌ଠାରେ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ରକୁ ପିପିଲି ନଗରପାଳ ସେକ୍ ବାବୁ, ଉପନଗରପାଳିକା ଭାଗ୍ୟବତୀ ମହାରଣା, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପିପିଲି କିନ୍ନର ସଂଘ ମୁଖ୍ୟ କବିତା ମା, ଓଡ଼ିଶା କିନ୍ନର ସଂଘ ସାଧାରଣ ସମ୍ପାଦିକା ଦିବ୍ୟାଂଶୁ ଦାସ, ପୁରୀ ସଂଘ ମୁଖ୍ୟ ଦେବକୀ ମା, ପିଙ୍କୁ ମିଶ୍ର, ରଶ୍ମିତା ସାହୁ, ଗୌରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲୁ ରହିଛି ବୋଲି ସଂଘ ରାଜ୍ୟ ସମ୍ପାଦିକା ଦାସ ସୂଚନା ଦେଇଛନ୍ତି।

### ୨୨୧ ୟୁନିଟ୍ ରକ୍ତ ସଂଗ୍ରହ

କାକଟପୁର,୨୨।୪(ଡି.ଏନ୍.ଏ.): ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ସପ୍ତାହ ଅବସରରେ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ସହଯୋଗରେ କାକଟପୁର ସାମନ୍ତସିଂହାର ଟ୍ରଷ୍ଟ ବୋର୍ଡ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୋଟ୍ ୨୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୁରୀ ଜିଲା ଜୀବନବିନ୍ଦୁ ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲା ପରିଷଦ ପୂର୍ବତନ ଅଧକ୍ଷା ଜ୍ୟୋତିର୍ମୟୀ ଦଳାଇ, ପୁରୀ ଜିଲା ବିଜୁ ଯୁବ ଜନତା ଦଳ ଉପସଭାପତି ବିଶ୍ୱଜିତ୍ ଦାସ, କାକଟପୁର ବ୍ଲକ ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ, କାକଟପୁର ବ୍ଲକ ଯୁବ ସଭାପତି ରଞ୍ଜନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଯୁବ ସଭାପତି ପ୍ରଶାନ୍ତ ନାୟକ, ସମସ୍ତ ପଞ୍ଚାୟତର ଯୁବ ଛାତ୍ର ସଭାପତି, ସୋସିଆଲ ମିଡିଆ ସମ୍ପାଦକ, ମହିଳା ସଭାନେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ଜନଜୀବନ

- ବଡ଼ଦାଣ୍ଡରେ ଛାମୁଣ୍ଡିଆ ନ ଥିବାରୁ ପର୍ଯ୍ୟଟକ ହନ୍ତସନ୍ତ
- ଶ୍ରୀମନ୍ଦିରରେ ନାହିଁ ଥଣ୍ଡା ପାନୀୟ ବ୍ୟବସ୍ଥା



ଖରା ଅଧିକ ଥିବାରୁ ମହିଳା ଓ ଯୁବତୀମାନେ ଛତାଧରି ଯାଉଛନ୍ତି ।

ପୁରୀ ଅଫିସ,୨୩।୪: ଖରା ଅସହ୍ୟ ହେଉଛି। ବଡ଼ଦାଣ୍ଡରେ ଛାଇ ମିଳୁନି। ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଥକ୍କା ମେଣ୍ଟାଇବା ପାଇଁ ହଇରାଣ ହେଉଛନ୍ତି। ବଡ଼ଦାଣ୍ଡରେ ଛାମୁଣ୍ଡିଆ ନ ଥିବା ହେତୁ ଶ୍ରଦ୍ଧାଳୁମାନେ ଟାଣଖରାରେ ଚାଲି ଚାଲି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଉଛନ୍ତି। ସେହିଭଳି ଶ୍ରୀମନ୍ଦିର ଭିତରେ ଥଣ୍ଡା ପାନୀୟ ଜଳ ମିଳୁନି। ପାଣି ପାଇଁ ଗ୍ଲାସ ମଧ୍ୟ ନାହିଁ। ଉତ୍ତରଦ୍ୱାର ଓ ଆନନ୍ଦବଜାର ମଧ୍ୟରେ ପାଣି ପିଇବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଯଥେଷ୍ଟ ହେଉନାହିଁ। ଶ୍ରଦ୍ଧାଳୁମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ଶ୍ରୀମନ୍ଦିର ଭିତରେ ହେବା ଦରକାର ବୋଲି ପର୍ଯ୍ୟଟକ ରୋଜାଲିନ ଜେନା କହିଛନ୍ତି। ପୂର୍ବାହ୍ନ ୧୧ଟାଠାରୁ ଖରା ଶୀର୍ଷରେ ପହଞ୍ଚିଯାଉଥିବା ବେଳେ ପାଖାପାଖି ୩ଟା ପର୍ଯ୍ୟନ୍ତ ଖରା କମୁନାହିଁ। ସେହିଭଳି ବେଳାଭୂମିରେ ମଧ୍ୟ ଖରା ବଡ଼ ଘାତକ ସାଜିଲାଣି। ବେଳାଭୂମି ଦିନବେଳା ଶୂନଶାନ୍ ପଡ଼ିରହୁଛି। ଖରାର ପ୍ରଭାବରେ ଖୁବ୍ କମ୍ ଲୋକ ବାହାରକୁ ଆସିବାକୁ ପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ ପଶୁପକ୍ଷୀଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା କରିବା ପାଇଁ ଅଂଶୁଘାତ ମୁକାବିଲା ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ପାଣି ରଖାଯାଇଥିବା କୁଣ୍ଡ ପୁରୀ ସହରରେ କେଉଁଠାରେ ମଧ୍ୟ ଦେଖିବାକୁ ମିଳୁନାହିଁ। ଫଳରେ ପଶୁପକ୍ଷୀ ପିଇବାକୁ ପାଣି ପାଉନାହାନ୍ତି। ପର୍ଯ୍ୟଟକ ବିଶ୍ୱପ୍ରକାଶ ମହାପାତ୍ର କହିଛନ୍ତି, ପୁରୀ ସହରରେ ଥିବା ଡ୍ରିଙ୍କ ଫ୍ରମ୍ ଟ୍ୟାପର ବ୍ୟବସ୍ଥା ଭଲ ହୋଇଥିଲେ ମଧ୍ୟ ଏହା ମୁଖ୍ୟତଃ ବଡ଼ଦାଣ୍ଡରେ ଦେଖିବାକୁ ମିଳୁଛି। ପୁରୀ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏଠାରେ ଅତିକମ୍‌ରେ ପାନୀୟ ଜଳ ସବୁସ୍ଥାନରେ ମିଳିବା ଦରକାର। ସେହିଭଳି ଅଂଶୁଘାତ ମୁକାବିଲାକୁ ମଧ୍ୟ ଗୁରୁତର ସହ ନେବା ଦରକାର। ଟାଣଖରାରେ କାହାରି କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜିଲେ ପ୍ରାଥମିକ ଚିକିତ୍ସା ପାଇଁ ମଧ୍ୟ କିଛି କେନ୍ଦ୍ର ରହିବା ଦରକାର। ପ୍ରଶାସନ ପର୍ଯ୍ୟଟକଙ୍କ ଏହି ସବୁ ମୌଳିକ ସମସ୍ୟା ଉପରେ ଧ୍ୟାନ ଦେବା ଆବଶ୍ୟକ। ଅନ୍ୟପକ୍ଷରେ ପୁରୀ ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ପୁରୀ ସହରର ବିଭିନ୍ନ ସ୍ଥାନରେ ଡ୍ରିଙ୍କ ଫ୍ରମ୍ ଟ୍ୟାପର ବ୍ୟବସ୍ଥା ରହିଛି। କିଛି ବେସରକାରୀ ସଂସ୍ଥା ମଧ୍ୟ ଜଳଛତ୍ର କରିଛନ୍ତି। ବିଶ୍ରାମସ୍ଥଳୀ ମଧ୍ୟ ନିର୍ମାଣ କରାଯିବ। ସେହିଭଳି ଶ୍ରମିକମାନେ ଟାଣଖରାରେ କାର୍ଯ୍ୟ କରିବେ ନାହିଁ ବୋଲି ଏସ୍‌ଓପି ଜାରି ହୋଇଥିଲେ ମଧ୍ୟ ଏହାକୁ କେହି ପାଳନ କରୁନାହାନ୍ତି। ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଶ୍ରମିକମାନଙ୍କୁ ଟାଣଖରାରେ କାମ କରିବାକୁ ବାଧ କରାଯାଉଛି। ସରକାର କାହାରି ଅଭିଯୋଗକୁ ଅପେକ୍ଷା ନ କରି ନିଜେ ଏହାର ସମାଧାନ ପାଇଁ ଉଦ୍ୟମ କରନ୍ତୁ ବୋଲି କହିଛନ୍ତି ସିପିଆଇଏମ୍ ନେତା ଜଗନ୍ନାଥ ଦେଓ।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

## ଜାତୀୟସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ ଅଫିସ,୨୩।୪

ଡି ଡ୍ୟାନ୍ସ ପକ୍ଷରୁ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଚାଲିଥିବା ଦୁଇଦିନିଆ ଜାତୀୟସ୍ତରୀୟ ଅନ୍ତର୍ନିହିତ ପ୍ରତିଭା ଚୟନ ପ୍ରତିଯୋଗିତା-୨୦୨୨ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଲଘୁ ସଂଗୀତ, ଏକକ ଅଭିନୟ, ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ, ମିଷ୍ଟର ଆଣ୍ଡ ମିସ୍ ସାଇନିଂ ଷ୍ଟାର ଏବଂ ମିଷ୍ଟର ଆଣ୍ଡ ମିସ ସାଇନିଂ ୟୁଥ୍ ଆଇକନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ଜିଲାର ପ୍ରତିଯୋଗୀମାନେ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ସୁବାସ ମିଶ୍ର, କାଳୀପ୍ରସନ୍ନ ମହାନ୍ତି, ରବି ତ୍ରିପାଠୀ, ମନୋଜ ପ୍ରଧାନ, ଚିରସ୍ରୋତା ଖୁଣ୍ଟିଆ, ପଦ୍ମିନ ପଣ୍ଡା, ମାଷ୍ଟର ମାନସ, ସିପ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ଅତିଥି ଭାବେ ଦେବାଶିଷ ପଟ୍ଟନାୟକ, ଚକ୍ରଧର ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ, ଆଲୋକ ମହାପାତ୍ର, ଜ୍ୟୋତିପ୍ରକାଶ ମହାରଣା, ତପନ ମହାନ୍ତି ପ୍ରମୁଖ ଯୋଗଦେଇଥିବାବେଳେ ଦ୍ୱିତୀୟ ସନ୍ଧ୍ୟାରେ ଅମରେଶ ପରିଡା, ପ୍ରସନ୍ନ ମିଶ୍ର, ସୁଶ୍ରୀ ସ୍ମିତାଞ୍ଜଳି ପତି, ଦାମୋଦର ମହାସୁଆର, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ଗୋପାଳ ଖୁଣ୍ଟିଆ, ଉପସଭାପତି ସମୀର ଶତପଥୀ, ସାଧାରଣ ସମ୍ପାଦକ ଦେବାଶିଷ ସିଂ, ସୌମ୍ୟରଞ୍ଜନ ମିଶ୍ର, ଗଣେଶ୍ୱର ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିବା ବେଳେ ଭରତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

## ମଦ ଦୋକାନ ଖୋଲାକୁ ନେଇ ବିରୋଧ

କାକଟପୁର,୨୩।୪(ଡି.ଏନ.ଏ)

କାକଟପୁର ବ୍ଲକ ଅନ୍ତର୍ଗତ କଣ୍ଟାପଡା ପଞ୍ଚାୟତର ବଲରାଠାରେ ସରକାରୀ ମଦ ଦୋକାନ ଖୋଲା ହେବାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ମଦ ଦୋକାନ ନ ଖୋଲିବାକୁ ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ ଶନିବାର ଖୋଲାଯାଇଥିବାରୁ ଅସନ୍ତୋଷ ଦେଖା ଦେଇଛି। ଦୁଇ ଦୁଇଥର ରାସ୍ତାରୋକୋ ହୋଇ ପ୍ରଶାସନ ଦ୍ୱାରା ମଦ ଦୋକାନ ଖୋଲାଯିବା ଘରକୁ ସିଲ୍ କରାଯାଇଥିଲା। ହେଲେ ପରେ କେତେଜଣ ବ୍ୟକ୍ତିବିଶେଷ ତହସିଲ କାର୍ଯ୍ୟାଳୟ ଘେରାଉ କରି ମଦ ଦୋକାନ ଖୋଲିବାକୁ ଦାବି କରି ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏହାର ଠିକ୍ ସପ୍ତାହ ପରେ ତହସିଲଦାର, ଥାନା ଅଧିକାରୀ ଓ ଅବକାରୀ ବିଭାଗ ସିଲ୍ କରାଯାଇଥିବା ସ୍ଥାନକୁ ସିଲ୍‌ମୁକ୍ତ କରି ଦେବାରୁ ଦୋକାନ ଖୋଲିଛି। ପୂର୍ବରୁ କାକଟପୁର-କୋଣାର୍କ ମୁଖ୍ୟ ରାସ୍ତାକଡରେ ଏକ ସରକାରୀ ମଦ ଦୋକାନ ରହିଛି। ସେହି ସ୍ଥାନରେ ମଦ୍ୟପଙ୍କ ଉତ୍ପାତ ସହ ରାସ୍ତା ଗହଳି ସମସ୍ୟା ଉପୁଜୁଥିବା ବେଳେ ସାଧାରଣ ଲୋକଙ୍କ ଯାତାୟାତ କଷ୍ଟକର ହେଉଛି। ପୁଣି ଏକ ମଦ ଦୋକାନ ଖୋଲିଥିବାରୁ ଯୁବକମାନେ ମଦ ପିଇ ପଥଭ୍ରଷ୍ଟ ହେବା ସହ ମଦ୍ୟପମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ଆଶା ଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଶିକ୍ଷା ଛାତ୍ର ଜୀବନର ପଥ ପ୍ରଦର୍ଶକ

ଡେଲାଙ୍ଗ,୨୩।୪(ଡି.ଏନ୍.ଏ.):

ଶିକ୍ଷା ଛାତ୍ର ଜୀବନର ପଥ ପ୍ରଦର୍ଶକ। ପିଲାଙ୍କୁ ପ୍ରାଥମିକ ଶିକ୍ଷା ସହ ସଦ୍‌ବୁଦ୍ଧି ଦେବା ଅଭିଭାବକଙ୍କ ଦାୟିତ୍ୱ ବୋଲି ଖବରଦାତା ପ୍ରସନ୍ନ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ଗୁଆଳିପଡା ପଞ୍ଚାୟତର ଗୁଆଳିପଡା ସେବାଶ୍ରମ ଓ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସେଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତ୍ରିପାଠୀ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ଶିକ୍ଷକ ହୃଷୀକେଶ ବଳିୟାରସିଂ, ସମ୍ମାନିତ ଭାବେ ବି.ଏସ୍.ଏଫ୍. ଯବାନ ସୁବାସଚନ୍ଦ୍ର ମଲ୍ଲିକ, ଡେଲାଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ଜେନା, ସି.ଆର୍.ସି.ସି. ରମେଶଚନ୍ଦ୍ର ପ୍ରଧାନ, ଯଦୁମଣି ରାଓ, ସର୍ବେଶ୍ୱର ଭୁଜବଳ, ବିହାରୀ ବରାଳ, ପବିତ୍ର ପଣ୍ଡା, ଦିଲୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶ୍ରୀଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଲିଟିଲ ଷ୍ଟାର ଗ୍ରୁପ୍‌ର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ନିମାପଡ଼ାର ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୧୯ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଶନିବାର କିସ୍ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପର ପ୍ରତିଷ୍ଠାତା ତଥା ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରୀତିରାୟ ଚାନ୍ଦ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତରାୟ, ନଟିଆ କମେଡିର ସ୍ମୃତିରଞ୍ଜନ ମହାନ୍ତି, ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସହ ନିଜ ଅଭିଜ୍ଞତା, ଅନୁଭୂତିକୁ ବାଣ୍ଟିଥିଲେ। ଏହି ଅବସରରେ ଗ୍ରୁପ୍‌ର ତ୍ରୈମାସିକ ପତ୍ରିକା 'ମୋ ଆଶା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଗ୍ରୁପ୍‌ର ପିଲାମାନେ ଧଉଳି, ବିଜ୍ଞାନ ସଂଗ୍ରହାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ। ଗ୍ରୁପ ପକ୍ଷରୁ ଗୌରୀ ଶଙ୍କର ଆଚାର୍ଯ୍ୟ, ଅତିଶ ମହାପାତ୍ର, ଉର୍ମିଳା ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ଗୋପରୁ ବାଂଲାଦେଶ ଚେର ଲମ୍ବିଛି
- ଫେରିବାଲାଙ୍କ ଗାଡ଼ିରେ ହେଉଛି ଚାଲାଣ

ଗୋପ,୨୩।୪(ଡି.ଏନ.ଏ)

କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଶନିବାର କେତେକ ସ୍ଥାନରେ ନିଶା ବିକ୍ରି କରୁଥିବା ଘର ଉପରେ ଚଢ଼ାଉ କରାଯାଇଛି। ଗୋପ ଥାନା ଅଧୀନ ବୟାଳିଶବାଟି ଗ୍ରାମର ତାରିଣୀ ମନ୍ଦିର ନିକଟରେ ଚଢ଼ାଉ କରାଯାଇ ଜଣେ ଯୁବକଙ୍କୁ ଗିରଫ କରିବା ସହ ୪ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ସେ ହେଲେ ବୟାଳିଶବାଟି ଗ୍ରାମର ତ୍ରିନାଥ ଭୋଇ (୩୦)। ଏ ନେଇ ପୋଲିସ ଏକ ମାମଲା(ନଂ. ୪/୨୦୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୪ଲକ୍ଷ ଟଙ୍କା ହେବା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, କିଛି ଦିନ ଧରି ଗୋପ ଥାନା ଅଞ୍ଚଳରେ ନିଶା କାରବାର ବଢ଼ୁଥିବା ବେଳେ କୋଣାର୍କ ଅବକାରୀ ବିଭାଗ ନୀରବ ରହିଛି। କେତେବେଳେ କେମିତି ମାମଲା କରିବା ପାଇଁ ଏଭଳି ଛୋଟ ଚଢ଼ାଉ କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଗୋପ ଥାନା ଅନ୍ତର୍ଗତ ତଥା ନୟାହାଟ ଫାଣ୍ଡିକଡ଼ରେ ଗୁଆ ଗୁଣ୍ଡି ଭଳି ବେଆଇନ ଭାବରେ ଦେଶୀ ବିଦେଶୀ ମଦ ସହିତ ଅନ୍ୟ ନିଶାଦ୍ରବ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏପରି ନିଶା କାରବାର ହେଉଥିଲେ ମଧ୍ୟ ପୋଲିସ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଶନିବାର ସକାଳେ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ବୟାଳିଶବାଟି ଗ୍ରାମରେ ଚଢ଼ାଉ କରି ଏହି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, କିଛିଦିନ ଧରି ଗୋପ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଭଡା ରହି ଫେରି କରୁଥିବା ଲୋକମାନେ ବାଂଲାଦେଶରୁ ବ୍ରାଉନ ସୁଗାର, ଚରସ ଭଳି ନିଶାଦ୍ରବ୍ୟ ଆଣି ବିଭିନ୍ନ ଗାଁକୁ ଫେରି କରିବା ନାଁରେ ବିକ୍ରି କରୁଥିବା ଭଳି ଅଭିଯୋଗ ରହିଛି। ଏପରିକି ଦିନ ଦ୍ୱିପ୍ରହରରେ ପୋଲିସ ଆଉଟ ପୋଷ୍ଟ ପଛରେ ଏହି ନିଶା କାରବାର ମଧ୍ୟ ଚାଲୁଛି। ଏପରି ଅଭିଯୋଗକୁ ନେଇ ପୁରୀ ଜିଲା ଏସ୍‌ପି ନିଶା କାରବାରକୁ ରୋକିବା ପାଇଁ ଟିମ ଗଠନ କରି ନିଶାଦ୍ରବ୍ୟ ଧରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ନୟାହାଟ ଫାଣ୍ଡି ଅଞ୍ଚଳରେ ନିଶାବିକ୍ରିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଅଭିଯୋଗ ସମ୍ପର୍କରେ ଫାଣ୍ଡି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ଅଗ୍ନିକାଣ୍ଡରେ ଗୁହାଳ ଜଳିଗଲା

ଡେଲାଙ୍ଗ,୨୩।୪(ଡି.ଏନ୍.ଏ.):

ରେଞ୍ଚ ପଞ୍ଚାୟତ ପଞ୍ଚବାଟିଆ ଗ୍ରାମରେ ଶନିବାର ମଙ୍ଗୁଳି ବଳଙ୍କ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟି ଏକ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡରେ ଗୋଖାଦ୍ୟ ସହିତ ଚାଷ ଉପକରଣ ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ନିଶା ପାଇଁ ବଢୁଛି ଚୋରି, ଲୁଟ୍

ଟାର୍ଗେଟରେ ମନ୍ଦିର, ସ୍କୁଲ ପରିସର

ସାକ୍ଷୀଗୋପାଳ, ୨୩।୪(ସ୍ୱ.ପ୍ର./ଡି.ଏନ.ଏ)

ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଏଠାକୁ ହଜାର ହଜାର ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଆସୁଛନ୍ତି। କିନ୍ତୁ ସୁରକ୍ଷିତ ନୁହେଁ ଏହି ଐତିହ୍ୟ ସ୍ଥଳ। ଲୁଟେରାଙ୍କ ଟାର୍ଗେଟରେ ଏହି କ୍ଷେତ୍ର ସହ ସ୍କୁଲ ପରିସର, ବସ୍‌ଷ୍ଟାଣ୍ଡ ରହିଛି। ଏଠାକୁ ବହୁ ମାତ୍ରାରେ ଲୋକ ଆସୁଥିବାରୁ ଦୁର୍ବୃତ୍ତମାନେ ଚୋରି, ଲୁଟ୍ କରୁଛନ୍ତି। ଏଭଳି ସମୟରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ମହିଳାମାନେ ଲୁଟ୍‌ର ଶିକାର ହେଉଛନ୍ତି। ସାକ୍ଷୀଗୋପାଳ ମନ୍ଦିର ବାଇପାସ ରାସ୍ତାରେ ଗୁରୁବାର ସୁନା ଚେନ ଲୁଟ୍ ଉଦ୍ୟମ ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ସାକ୍ଷୀଗୋପାଳ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କ ସ୍ତ୍ରୀ କିଶୋରୀ (୫୦) ଚାଲିକରି ନିଜ ଘରକୁ ଯାଉଥିଲେ। ଏହି ସମୟରେ ଜଣେ ଯୁବକ ପଛପଟୁ ସାଇକେଲରେ ଆସି ତାଙ୍କ ବେକରୁ ସୁନା ମଙ୍ଗଳସୂତ୍ରଟିକୁ ଝାମ୍ପି ନେବାକୁ ଉଦ୍ୟମ କରିଥିଲେ। ମାତ୍ର ସେ ଉପସ୍ଥିତ ବୁଦ୍ଧି ଖଟାଇ ହଠାତ ମଙ୍ଗଳସୂତ୍ରଟିକୁ ଧରି ନେବା ସହିତ ସାଇକେଲଟିକୁ ଏକ ଧକ୍କା ଦେଇଥିଲେ। ଦୁର୍ବୃତ୍ତଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ମହିଳା ଜଣକ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି । ସତ୍ୟବାଦୀ ପୋଲିସ ତରଫରୁ ତଦନ୍ତ ଚାଲିଛି। ତେବେ ଅଞ୍ଚଳରେ ଘଟୁଥିବା ପ୍ରତ୍ୟେକ ଲୁଟ, ଚୋରି କେବଳ ନିଶା ପାଇଁ ହେଉଥିବା ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ସ୍ଥାନୀୟ ପୋଲିସକୁ ଚ୍ୟାଲେଞ୍ଜ କରି ଅବାଧରେ ଚାଲିଛି ନିଶା କାରବାର। ପ୍ରତ୍ୟେକ ଛକ ଜାଗା, ସ୍କୁଲ, କଲେଜ ରାସ୍ତା ଓ ମନ୍ଦିର ରାସ୍ତାକୁ ଏମାନେ ଆଡ୍ଡା କରି ନିଶାପାନ କରୁଛନ୍ତି। ଗତ ୨ମାସ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୁଟ୍, ଚୋରି ହୋଇଥିବା ବେଳେ ପୋଲିସ ଛୋଟ ଘଟଣାର ଚୋରଙ୍କୁ ଧରି ଚୁପ ରହିଯାଉଛି। ଫଳରେ ପୋଲିସ ଉପରୁ ଅଞ୍ଚଳବାସୀଙ୍କ ଆସ୍ଥା ତୁଟିବାରେ ଲାଗିଛି।

# ଗ୍ରାମରେ ବେଆଇନ ଶ୍ମଶାନ ନିର୍ମାଣକୁ ବିରୋଧ

ଏସ୍‌ପିଙ୍କ ଦ୍ୱାରସ୍ଥ ବାରିକ ପରିବାର

ପୁରୀ ଅଫିସ,୨୩।୪

ବେଆଇନ ଭାବେ ଗ୍ରାମରେ ନିର୍ମାଣ କରାଯାଉଥିବା ସ୍ଥାୟୀ ଶ୍ମଶାନ ଓ ଗ୍ରାମବାସୀଙ୍କ ନିର୍ଯାତନାକୁ ବିରୋଧ କରି ଗୋପ ଥାନା ଅଧୀନ ବନ୍ତଳୀ ପଞ୍ଚାୟତ ଅନ୍ତର୍ଗତ ତାଳକପା ଗ୍ରାମର କୈଳାସ ଚନ୍ଦ୍ର ବାରିକ ଏବଂ ୧୦ଘର ବାରିକ ପରିବାର ନ୍ୟାୟ ଦାବି କରି ଶନିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ, ଗୋପ ବ୍ଲକ ତାଳକପା ଗ୍ରାମର ୧୦ଟି ବାରିକ ପରିବାର ବହୁବର୍ଷ ହେବ ଗ୍ରାମବାସୀଙ୍କ ଦ୍ୱାରା ବାସନ୍ଦ ହୋଇ ବାହାରେ ରହିଛନ୍ତି। କୌଳିକ ବୃତ୍ତି କାର୍ଯ୍ୟ ସହ ସେମାନଙ୍କୁ ଗୋଡ଼ ଧୋଇବା ଓ ଅଇଁଠା ପତର ଉଠାଇବା ଭଳି କାର୍ଯ୍ୟ କରିବାକୁ ଗ୍ରାମବାସୀ ବାଧ କରୁଥିଲେ। ମାତ୍ର ଗ୍ରାମବାସୀଙ୍କ କଥାକୁ ନ ମାନିବାରୁ ଆଜକୁ ୪୦ ବର୍ଷ ହେବ ଗ୍ରାମବାସୀ ବାରିକ ପରିବାରଙ୍କୁ ଗ୍ରାମରୁ ବାସନ୍ଦ କରିଛନ୍ତି। ସେହିପରି ବିଭିନ୍ନ ସମୟରେ ଗ୍ରାମବାସୀ ମାନସିକ ନିର୍ଯାତନା ସହ ପରିବାରକୁ ଧମକ ଦେଉଛନ୍ତି। ଆକ୍ରୋଶମୂଳକ ଭାବେ ଗ୍ରାମରେ ଥିବା ଶ୍ମଶାନ ରେକର୍ଡ ଭୁକ୍ତ ପ୍ଲଟ ଖାତା ଉପରେ ସ୍ଥାୟୀ ଶ୍ମଶାନ ଗୃହ ନିର୍ମାଣ ନ କରି ବାସନ୍ଦ ହୋଇଥିବା କୈଳାସଙ୍କ ବାପାଙ୍କ ନାମରେ ଥିବା ପ୍ଲଟକୁ ଲାଗିଥିବା ଗ୍ରାମ ଜଙ୍ଗଲରେ ଥିବା ଏକ ପ୍ଲଟ ଉପରେ ଗ୍ରାମବାସୀ ଜବରଦସ୍ତୀ ସ୍ଥାୟୀ ଶ୍ମଶାନ ନିର୍ମାଣ କରୁଛନ୍ତି। ଏପରିକି ବିବାଦୀୟ ସ୍ଥାନରେ ଶବ ଦାହ କରୁଛନ୍ତି। ଏ ନେଇ ସ୍ଥାନୀୟ ପୋଲିସ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେବେ ଘଟଣାକୁ ଗୁରୁତ୍ୱର ସହକାରେ ନେଇ ବେଆଇନ ଭାବେ ନିର୍ମାଣ କରାଯାଉଥିବା ଶ୍ମଶାନ ଗୃହ କାର୍ଯ୍ୟକୁ ବନ୍ଦ କରିବାକୁ ଗ୍ରାମର ବାସନ୍ଦ ହୋଇଥିବା ବାରିକ ପରବାରଙ୍କ ପକ୍ଷରୁ ଏସ୍‌ପିଙ୍କ ନିକଟରେ ଦାବି କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅପରପକ୍ଷେ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଥିବା ସୂଚନା ମିଳିଛି।




ଗୋପ ଅଧୀନ ତାଳକପା ଗ୍ରାମର ବାରିକ ପରିବାର ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି ।


**Central Mine Planning & Design Institute Ltd.**
**( A Subsidiary of Coal India Limited)**
Gondwana place, Kanke Road, Ranchi - 834 031, JHARKHAND,India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**Odisha Mining Corporation Ltd.**
(A Gold Category State PSU)
Registered Office : OMC House, Bhubaneswar - 751001, India
Tel: 0674-2377400/2377401, Fax: 0674-2396889, 2391629, https://omcltd.in
CIN: U13100OR1956SGC000313

OMC | ODISHA NEW OPPORTUNITIES — Mining Happiness

No. 6560/OMC/ 2022
Date: 23/04/2022

**NOTICE**

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022 for the post of Jr. Accountant, the Computer Proficiency Test (CPT) will be conducted on 30.04.2022 in respect of the provisionally shortlisted candidates (The list is available on OMC Website). Please visit OMC website (https://omcltd.in) for details regarding Computer Proficiency Test (CPT) centre, test duration, reporting time etc. The sample question pattern for the Computer Proficiency Test (CPT), Letter of Undertaking for using Scribe/ Reader and Additional Instructions for Scribe/ Reader along with Self Declaration by the scribe/ Reader (for use of the PwD candidates opting for use of Scribe/ Reader) are available in OMC website (https://omcltd.in) for reference.

**Sd./- GENERAL MANAGER (P&A)**

**CORRIGENDUM** No. L-23
(As per Pre-Bid Clarifications Soughted)
**DIRECTORATE OF AGRICULTURE AND FOOD PRODUCTION, ODISHA**
**SUBMISSION OF BID FOR REQUEST FOR PROPOSAL PUBLISHED ON DATED: 05.04.2022**
Selection of Outsourcing Agency for "Outsourcing Identified Static Soil Testing Laboratories" in the Districts under the Director of Agriculture and Food Production, Odisha

1. EMD is exempted for all bidders but a bid security declaration should accompany the application.
2. The turnover criteria is exempted for Start ups.
3. The quoting of professional fees by the bidder is dropped.
4. In Section 2 (at Page No. 21): Failure on bidder's part to furnish the deliverables as per the agreed time line will enforce a penalty @ 1% per week subject to maximum of 3% of the total contract value.
5. In Section 4 (Page 37) contract value more than Rs.5.00 Crore each and duration more than 1 year each may be read as contract value more than Rs.5.00 Crore and duration more than 1 year in Tech A-5.

Sd./- Director of Agriculture and Food Production, Odisha
OIPR-01034/11/0003/2223